## ସଂକ୍ଷେପରେ

### ଠାକୁରାଣୀ ଯାତ୍ରା ପାଇଁ ସମୀକ୍ଷା ବୈଠକ

**ପୁରୁଷୋତ୍ତମପୁର,୧୦।୫(ଡି.ଏନ୍.ଏ.)**- ଗଞ୍ଜାମ ଜିଲା ପୁରୁଷୋତ୍ତମ ପୁର ସହରରେ ଆସନ୍ତା ୧୩ ତାରିଖ ଠାରୁ ଏକମାସ ଧରି ହେବାକୁ ଥିବା ମା' କନକା ଠାକୁରାଣୀଙ୍କ ସମେତ ପଞ୍ଚ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ନିମନ୍ତେ ପୋଲିସ ପକ୍ଷରୁ ଗୁରବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ ପୌରହିତ୍ୟ କରିଥିଲେ। ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ସମେତ ଯାତ୍ରା କମିଟି ଅଧିକାରୀ ରମାକାନ୍ତ ଦାଶ, ସଭାପତି କେ. ଶ୍ୟାମମୂର୍ତ୍ତୀ ଆଚାରି, ସମ୍ପାଦକ ପ୍ରହ୍ଲାଦ ସାହୁ, କପିଳେଶ୍ୱର ବଣିକ ସଂଘ ସମ୍ପାଦକ ମନୋରଞ୍ଜନ ଦାଶ, ସ୍ୱପ୍ନେଶ୍ୱର କାଳୀ ଯାତ୍ରା କମିଟି ସଭାପତି ରବୀନ୍ଦ୍ର କୁମାର ମହାରଣା, ମୁନା ପାତ୍ର, ରୁପେଶ କୁମାର ସାହୁଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ଥିଲେ। ଯାତ୍ରା ସମୟରେ ଯେପରି ବିଶୃଙ୍ଖଳା ନ ଘଟିବ, ଚୋରି ଡକାୟତି, ଟ୍ରାଫିକ ସମସ୍ୟାମାନ ଉପରେ ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବ। ପୋଲିସକୁ ସ୍ୱେଚ୍ଛାସେବୀମାନେ ସହଯୋଗ କରିବା ଲାଗି ପୋଲିସ ପକ୍ଷରୁ କୁହାଯାଇଛି। ଆପରାଧୀକ ଶ୍ରେଣୀର ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ଦିଆଯିବ। ଏହା ସହ ଅପେରା, ଦୋଳି,ମୀନାବଜାର ମାନ ମୁଖ୍ୟରାସ୍ତା ଠାରୁ ଶହେ ମିଟର ଦୂରତାରେ କରିବା, ରାସ୍ତା ଅବରୋଧ ନ କରିବା, ରାସ୍ତା ଉପରେ ବ୍ୟବସାୟ ନ କରିବା ଲାଗି କଡା ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଡିପିଓ ନିମାଇଁ ଚରଣ ସେଠୀ। ମା'ଙ୍କ ଘଟ ପରିକ୍ରମା ପୂର୍ବରୁ ପୋଲିସକୁ ସୂଚନା ଦେବାକୁ ଯାତ୍ରା କମିଟିକୁ କୁହାଯାଇଥିଲା।

### ଶିଶୁପୁତ୍ରକୁ କୋଳେଇଲେ ବିହାରୀ ଦମ୍ପତି

**ପାରଳାଖେମୁଣ୍ଡି,୧୦।୫ (ସ୍ୱ.ପ୍ର.)**-ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଶିଶୁ ସୁରକ୍ଷା ୟୁନିଟଠାରେ ଜଣେ ଶିଶୁପୁତ୍ରଙ୍କୁ ବିହାର ରାଜ୍ୟର ଏକ ଦମ୍ପତି କୋଳେଇ ନେଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟର ଅରୁଣ କୁମାର ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ଜିଲାପାଳ ଅନୁପମ ଶାହାଙ୍କ ଉପସ୍ଥିତିରେ ଏହି ଶିଶୁପୁତ୍ରଙ୍କୁ ହସ୍ତାନ୍ତର କରାଯାଇଥିଲା। ବିହାରର ଗୋପାଳଗଞ୍ଜରୁ ଆସିଥିବା ଦମ୍ପତି ଗତ ୨୦୧୭ରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଲାଗି ଆବେଦନ କରିଥିଲେ। ଦମ୍ପତିଙ୍କୁ ଗୁରୁବାର ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ଶିଶୁ ସୁରକ୍ଷା ୟୁନିଟଠାରେ ରାତି ୮ଟାରେ ପୋଷ୍ୟ ଶିଶୁ ସନ୍ତାନକୁ ପ୍ରଦାନ କରାଯାଇଥିଲା । ଏହି ଶିଶୁ ସନ୍ତାନଟି ଇସାନ ସାଲୁନ୍ ଚିଲଡ୍ରେନ୍ ହୋମ୍‌ରେ ଲାଳନପାଳନ ହେଉଥିଲା । କାର୍ଯ୍ୟକ୍ରମରେ ଜିଲାଶିଶୁ ସୁରକ୍ଷା ୟୁନିଟର ପରିଚାଳକ ଶାହା, ପ୍ରତୀଶ କୁମାର ସୂର୍ଯ୍ୟ, ଧାଇମା ଦୀନା ପ୍ରଧାନ ଏବଂ ୟୁନିଟର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଅଫିସ ବାହାରେ ୪ ମହିଳା ସୁପରଭାଇଜର ରାତି କାଟିବା ଘଟଣା

### ଉପଜିଲାପାଳଙ୍କୁ ଜଣାଇଲେ ବିଡିଓ

**ଭଣ୍ଡାରିପୋଖରୀ,୧୦।୫(ଡି.ଏନ.ଏ.)**- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସମନ୍ୱିତ ଶିଶୁ ବିକାଶ ଅଫିସ ବାହାରେ ୪ ମହିଳା ସୁପରଭାଇଜର ରାତି କାଟିବା ଘଟଣା ସମ୍ପର୍କରେ ବିଡିଓ ବନମାଳୀ ତରାଇ ଉପଜିଲାପାଳଙ୍କୁ ଜଣାଇଛନ୍ତି। ଭଦ୍ରକ ଉପଜିଲାପାଳଙ୍କୁ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଡିଓ ସୁପାରିଶ କରିଥିବା ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ବାତ୍ୟା ପାଇଁ ଗତ ୨ ତାରିଖ ରାତିଅଧରେ ସେଠାକାର ଜଣେ ଅଧିକାରୀ ଏହି ୪ ସୁପରଭାଇଜରଙ୍କୁ ବାହାରେ ରଖି ତାଲା ପକାଇ ଘରକୁ ଚାଲିଯାଇଥିଲେ।

■ ସଚେତନତା ଅଭାବ

# ଲୋପ ପାଇବ ଔଷଧୀୟ ବୃକ୍ଷ ଅନନ୍ତ ମୂଳ

**ଦାରିଙ୍ଗବାଡି,୧୦।୫(ଡି.ଏନ.ଏ.)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଅଦିନରେ ରୋଜଗାର ଯୋଗାଉଥିଲା ଅନନ୍ତ ମୂଳ। ଏହା ଏକ ଔଷଧୀୟ ଚେରମୂଳି। ଜିଲା ତଥା ଜିଲା ବାହାରେ ଏହାର ଚାହିଦା ରହିଛି। ମାତ୍ର ୨ବର୍ଷ ତଳେ ଯେଉଁ ପରିମାଣର ଅନନ୍ତମୂଳ ଚେର ଅଞ୍ଚଳରେ ଜଙ୍ଗଲରୁ ସଂଗ୍ରହ କରାଯାଉଥିଲା ତାହା ଏବେ ମିଳୁନାହିଁ। ଏକପ୍ରକାର ଏହା ଲୋପ ପାଇବାକୁ ବସିଲାଣି। କାଁ ଭାଁ ଏହି ମୂଳ ସଂଗ୍ରହ କରାଯାଇ ଜିଲା ବାହାରକୁ ଚାଲାଣ ହେଉଛି। ଏହାର ପ୍ରମୁଖ କାରଣ ହେଉଛି ଯେଉଁ ସମୟରେ ଏହାକୁ ଲୋକେ ଜଙ୍ଗଲରୁ ସଂଗ୍ରହ କରିଥିଲେ ଏକାବେଳେ ସମସ୍ତ ଅନନ୍ତ ମୂଳକୁ ସଂଗ୍ରହ କରି ବିକ୍ରି କରିଦେଇଛନ୍ତି। କୌଣସି ପ୍ରକାର ଶାଖା କିମ୍ବା ଚେରକୁ ଆଗାମୀ ଦିନରେ ବଂଶବୃଦ୍ଧି ଉଦ୍ଦେଶ୍ୟରେ ବଞ୍ଚାଇ ରଖିନାହାନ୍ତି।

ଏହାର ନାମ ଅଞ୍ଚଳବାସୀ ସ୍ପଷ୍ଟଭାବେ କହିପାରୁ ନ ଥିବାବେଳେ ଅନେକ ଏହାକୁ ଅନନ୍ତ ମୂଳ ଭାବେ ଜାଣିଥିବା କୁହନ୍ତି। ଏହାର ଔଷଧୀୟ ଗୁଣ ରହିଥିଲେ ସୁଦ୍ଧା କେଉଁ ରୋଗ ପାଇଁ ଏହା ଉଦ୍ଦିଷ୍ଟ ତାହା କାହାରିକୁ ଜଣାନାହିଁ। କିନ୍ତୁ ଏହାର ଚାହିଦା ବାହାର ବଜାରରେ ରହିଥିବା ବ୍ୟବସାୟୀଙ୍କ ଆଗ୍ରହରୁ ଜଣାପଡୁଛି। ଏବେ ବ୍ୟବସାୟୀମାନେ ଏହି ମୂଳ କିଣିବାକୁ ଦାରିଙ୍ଗବାଡି ଆସି ନିରାଶ ହୋଇ ଫେରୁଛନ୍ତି। ବନବିଭାଗ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ଏହାର ଚାରା ସୃଷ୍ଟି କରି ଲୋକଙ୍କୁ ଏହି ଚାଷ ପାଇଁ ପ୍ରୋତ୍ସାହନ କଲେ ପୁଣି ଅଞ୍ଚଳରେ ଏହି ଔଷଧୀୟ ଅନନ୍ତମୂଳ ଲୋକଙ୍କୁ ସୁବିଧାରେ ମିଳିବ ଏବଂ ସ୍ୱରୋଜଗାରକ୍ଷମ କରାଇବ ବୋଲି ଭ୍ରମରବାଡି ପଞ୍ଚାୟତର ରଶ୍ମିତା ପ୍ରଧାନ, ନବିନା ପ୍ରଧାନ ପ୍ରମୁଖ କହିଛନ୍ତି।

ସେମାନେ କୁହନ୍ତି ଯେ, ଏହା ଭ୍ରମରବାଡି ପଞ୍ଚାୟତ ଅଞ୍ଚଳ ସୀମାବର୍ତ୍ତୀ ଗଞ୍ଜାମ ଜିଲା ଗାଜଲବାଡି, ସୋରଡା ଅଞ୍ଚଳରୁ କେତେକ ବ୍ୟବସାୟୀ ତାଙ୍କ ଗ୍ରାମରେ ପହଞ୍ଚି ସେମାନଙ୍କୁ ଏହି ଗଛ ଚିହ୍ନାଇବା ସହ ଆଦାୟ କରିବା ପାଇଁ ପରାମର୍ଶ ଦେଇଥଲେ। ଲୋକେ ଅନନ୍ତମୂଳକୁ ଜଙ୍ଗଲରୁ ଆଣି ତାକୁ ଛୋଟ ଛୋଟ ସାଇଜ କରି କାଟି ଶୁଖାଇବା ପରେ କିଲୋ ପିଛା ୨୫ ରୁ ୩୦ ଟଙ୍କାରେ ବିକୁଥିଲେ। ଗତ ୨ବର୍ଷ ତଳେ ଏହି ମୂଳ ସଂଗ୍ରହ କରି ଗୋଟିଏ ପରିବାର ୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଥିଲେ। ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କୁହନ୍ତି ଯେ, ଅତି କମ୍‌ରେ ତିନୋଟି ଗଛ ମଧ୍ୟରୁ ଗୋଟିଏ ଗଛକୁ ବଞ୍ଚାଇଲେ ଏହା ସବୁ ବର୍ଷ ଆଦାୟ ହୋଇ ପାରିବ। ନ ହେଲେ ଏହା ଜଙ୍ଗଲରୁ ମୂଳପୋଛ ହୋଇଯିବ। ଯାହାକି ଦାରିଙ୍ଗବାଡି ଅଞ୍ଚଳରେ ଗତ ୨ବର୍ଷ ତଳେ ମୂଳ ପୋଛ ହୋଇଯାଇଛି ବୋଲି ସେ କହିଛନ୍ତି।

ଏନେଇ ସିମନବାଡି ବନାଞ୍ଚଳ ଅଧିକାରୀ ମାଧବଚନ୍ଦ୍ର ବେହେରା କୁହନ୍ତି ଯେ, ଏହି ମୂଳ ଉକ୍ତ ଅଞ୍ଚଳରେ ଭରପୁର ହୋଇ ରହିଛି। କିନ୍ତୁ ଛୋଟ ଅବସ୍ଥାରେ ରହିଛି ଏବଂ ଲଟା ହୋଇଥିବାରୁ ସମସ୍ତ ଲୋକ ଜଙ୍ଗଲ ଭିତରେ ଏହାକୁ ଖୋଜି ପାଉନାହାନ୍ତି। ଏଥିସହ କନ୍ଧମାଳ ଜିଲାରେ ଔଷଧୀୟ ବୃକ୍ଷ ଭରପୁର ରହିଛି। କିନ୍ତୁ ବିଭିନ୍ନ ଆୟୁର୍ବେଦ କମ୍ପାନୀ ପକ୍ଷରୁ ଲୋକଙ୍କୁ ଚେରମୂଳ ପରିଚୟ କରି କମ୍ ଦରରେ କିଣି ନେଉଛନ୍ତି। ଫଳରେ ଆଗାମୀ ଦିନରେ ଏହି ଔଷଧୀୟ ବୃକ୍ଷ ଲୋପ ପାଇବା ଆଶଙ୍କା କରାଯାଉଛି।



ଅନନ୍ତ ମୂଳକୁ ମହିଳାମାନେ ସଂଗ୍ରହକରି ବିକ୍ରି ପାଇଁ ପ୍ରସ୍ତୁତ କରୁଛନ୍ତି। (ଫାଇଲ ଫଟୋ)

## ପୃଥକ୍ ବାଇକ ଦୁର୍ଘଟଣା: ୨ ମୃତ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୦।୫**

କନ୍ଧମାଳ ଜିଲାର ପୃଥକ ଦୁଇଟି ସ୍ଥାନରେ ବାଇକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ ପଞ୍ଚାୟତ ପରାଙ୍ଗୀ ଗ୍ରାମର ମୁକୁନ୍ଦ କହଁର(୩୦) ଓ ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଇବାଲିର ରଜନୀ ଦିଗାଲ (୪୫)। ଗୁରୁତର ଆହତମାନଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ମୁକୁନ୍ଦ ଓ ଅନ୍ୟ ଦୁଇ ଜଣ ଏକ ବାଇକରେ କଟ୍ରିଙ୍ଗିଆରୁ ସାରୁମାହା ଯାଉଥିଲେ । ମୁସୁଲିପଙ୍ଗାଠାରେ ଚାଳକ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଗୋଚ୍ଛାପଡ଼ା ଥାନା ଏଏସ୍‌ଆଇ ଅଜୟ କୁମାର ମଲିକ ଏବଂ ଅନ୍ୟ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଫୁଲବାଣୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ମୁକୁନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତନିସ୍ତର କହଁର ଓ ଉଦ୍ଧବ କହଁର ଏବେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଅନ୍ୟ ଏକ ଦୁର୍ଘଟଣା କ.ନୂଆଗାଁ ଥାନା ଅନ୍ତର୍ଗତ ସିରିଝରି ଗ୍ରାମ ନିକଟରେ ଘଟିଥିଲା । ଏକ ବାଇକ୍‌ରେ ବାଲିଗୁଡ଼ାରୁ ଭୁଙ୍ଗିଯୋଡ଼ିର ଶୁଣ୍ଡିଗାଁକୁ ଯାଉଥିବା ୩ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ରଜନୀଙ୍କ ମୃତ୍ୟୁ ହୋଇଥିଲା। ବଚ୍ଚନ ଦିଗାଲ ଓ କୁଶ ଦିଗାଲ ଆହତ ହୋଇଥିଲେ।

## ସାହାଯ୍ୟ ମାଗିଲା ପୋଲିସ



ଫନି କ୍ଷତିଗ୍ରସ୍ତଙ୍କ ପାଇଁ ପୋଲିସ ଓ ବ୍ୟବସାୟୀ ସଂଘ ସାହାଯ୍ୟ ମାଗୁଛନ୍ତି।

**ଜି.ଉଦୟଗିରି,୧୦।୫(ଡି.ଏନ.ଏ.)**

ଜି.ଉଦୟଗିରି ପୋଲିସ ତରଫରୁ ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଉପକୂଳ ଓଡ଼ିଶାର କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ନିମନ୍ତେ ପ୍ରୟାସ କରାଯାଇଛି। ଜି.ଉଦୟଗିରି ବ୍ୟବସାୟୀ ସଂଘ ସହଯୋଗରେ ପୋଲିସ ଗୁରୁବାର ସନ୍ଧ୍ୟାଠାରୁ ସହରର ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନଠାରୁ କ୍ଷତିଗ୍ରସ୍ତଙ୍କ ନିମନ୍ତେ ଆର୍ଥିକ ସାହାଯ୍ୟ ମଗାଯାଇଥିଲା। ଏସ୍‌ଆଇ ରଞ୍ଜିତ କୁମାର ମୁନୀଙ୍କ ନେତୃତ୍ୱରେ ଏଏସ୍‌ଆଇ ସୁବାସ ଚନ୍ଦ୍ର ପ୍ରଧାନ, ଏଏସ୍‌ଆଇ ଏସକେ ଦିଗାଲ ଓ ପୋଲିସ କର୍ମଚାରୀ ଏବଂ ଜି.ଉଦୟଗିରି ବ୍ୟବସାୟୀ ସଂଘ ତରଫରୁ ସଭାପତି ସମୀର କୁମାର ପାଢ଼ୀ, ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସମେତ କର୍ମକର୍ତ୍ତାମାନେ ମିଶି ସହରବାସୀଙ୍କ ଠାରୁ ଆର୍ଥିକ ସହାୟତା ଗ୍ରହଣ କରିଥିଲେ। ୨୩ ହଜାର ଟଙ୍କା ଆଦାୟ ହୋଇଥିଲା। ଏହା ସହିତ ନିଜ ସକ୍ଷମ ଅନୁଯାୟୀ ଆର୍ଥିକ ସାହାଯ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପଠାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

## ଭାଜପା ନେତାଙ୍କ କାରରେ ଗଞ୍ଜେଇ

### ଚାଳକ ଗିରଫ

**ଫିରିଙ୍ଗିଆ,୧୦।୫**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଲିସ ଡିମିରିଗୁଡ଼ା ଛକରେ ଚଢାଉ କରି ଏକ କାରରୁ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କାର ଡ୍ରାଇଭରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଡ଼ିମିରିଗୁଡ଼ା ଗୁଡ଼ିଆ ସାହିର ମଳୟ ରଞ୍ଜନ ଗୁପ୍ତା। ଅଧିକ ଖୋଳତାଡ ପରେ ଜବତ କାର(ଓଡ଼ି-୦୨ଏବି ୦୩୪୮)ଟି ଡିମିରିଗୁଡା ଅଞ୍ଚଳର ଜଣେ ଭାଜପା ନେତାଙ୍କର ବୋଲି ଜଣାପଡିଛି। ସେ ବର୍ତ୍ତମାନ ଭାଜପା ଯୁବ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି।

ଡିମିରିଗୁଡାରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଡିମିରିଗୁଡା ଛକରେ ପୋଲିସ ପ୍ରସ୍ତୁତ ହୋଇ ରହିଥିଲା। କାରଟି ଉକ୍ତ ଛକ ପାଖରେ ପହଞ୍ଚିବା ପରେ ପୋଲିସ ଅଟକାଇ ଯାଞ୍ଚ ଆରମ୍ଭ କରିଥିଲା। ସେଥିରୁ ୧୫ କେଜି ୪୨୦ଗ୍ରାମ ଗଞ୍ଜେଇ ମିଳିଥିଲା। ଏ ନେଇ ସଦର ଏସଡିପିଓ ଏ.କେରକେଟାଙ୍କୁ ପଚାରିବାରୁ ସେ କହିଛନ୍ତି, ଗାଡି ନମ୍ବରକୁ ନେଇ ଯାଞ୍ଚ କରାଯାଉଛି। ଏହା କମର୍ସିଆଲ ନା ପ୍ରାଇଭେଟ ତାହା ଜଣାପଡିବା ପରେ ତଦନ୍ତ ସେହି ଦିଗରେ ଆଗେଇବ । ଯଦି ପ୍ରାଇଭେଟ ନମ୍ବର ହୋଇଥିବ ତାହାଲେ ଗାଡି ମାଲିକଙ୍କୁ ତଦନ୍ତ ପରିସରକୁ ଅଣାଯିବ।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ।

### ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

**ବାସୁଦେବପୁର,୧୦।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡିଆ ପଞ୍ଚାୟତ କମାରଗାଁ ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଶରତ କୁମାର ପଣ୍ଡାଙ୍କ ଶୁକ୍ରବାର ପରଲୋକ ଘଟିଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିବାରୁ ତାଙ୍କର ଚିକିତ୍ସା ଚାଲିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଛି। ପ୍ରକାଶ ଯେ, ସେ କାର୍‌ଗିଲ ଯୁଦ୍ଧରେ ଆହତ ହୋଇ ଗୋଟିଏ ଗୋଡ଼ ହରାଇଥିଲେ। ପରେ ତାଙ୍କୁ ଅବସର ନେବାକୁ ପଡ଼ିଥିଲା।

## ବିପନ୍ନଙ୍କ ପାଇଁ ରିଲିଫ ସଂଗ୍ରହ

**ରାଇକିଆ,୧୦।୫(ଡ଼ି.ଏନ.ଏ)**

ରାଇକିଆ ପୋଲିସ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଆନୁକୁଲ୍ୟରେ ଶୁକ୍ରବାର ବାତ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ଓ ସହାୟତା ରାଶି ସଂଗ୍ରହ କରାଯାଇଛି। ରାଇକିଆ ବଜାର ସମେତ ବିଭିନ୍ନ ଅଞ୍ଚଳ ବୁଲି ନଗଦ ଅର୍ଥ ସାଙ୍ଗକୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରାଯାଇଥିଲା। ଲୋକେ ସ୍ୱ ଇଚ୍ଛାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିଲେ। ଗୁରବାର ସନ୍ଧ୍ୟାରେ ରାଇକିଆ ଥାନାଧିକାରୀ ନରେଶ ସାହୁଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଦ୍ଧିଜୀବୀମାନେ ସାମିଲ ହୋଇ କାର୍ଯ୍ୟକ୍ରମ କିପରି କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ଗୀତାଞ୍ଜଳୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ନାଗରିକ ମଞ୍ଚ ସଭାପତି ସୁଶାନ୍ତ ଜେନା, ଜୟାନନ୍ଦ ନାୟକ, ଅଭିମନ୍ୟୁ ପଣ୍ଡା, ଦୁର୍ଯ୍ୟୋଧନ ଲେଙ୍କା ସମେତ ସ୍ଥାନୀୟବାସୀ ସାମିଲ ହୋଇ ସହଯୋଗ କରିଥିଲେ। ସଂଗ୍ରହ ହୋଇଥିବା ସମସ୍ତ ରିଲିଫ ସାମଗ୍ରୀ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ପଠାଯିବ।



ପୋଲିସ ଓ ରାଇକିଆ ବାସିନ୍ଦାଙ୍କ ତରଫରୁ ରିଲିଫ ସଂଗ୍ରହ କରାଯାଉଛି

## ଫନୀ ବିପନ୍ନଙ୍କୁ ସ୍ୱାତୀର ସହାୟତା

**ଫୁଲବାଣୀ ଅଫିସ,୧୦।୫**

ଫନୀ ପ୍ରଭାବରେ ପୁରୀ, ଖୋର୍ଦ୍ଧା, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବାଲେଶ୍ୱର, ମୟୂରଭ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଆଦି ଜିଲାର ଲକ୍ଷ ଲକ୍ଷ ଜନସାଧାରଣ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ତ୍ତମାନ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ବିପନ୍ନଙ୍କୁ ଉଦ୍ଧାର କରିବା ସହ ରିଲିଫ୍ ଯୋଗାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ମଧ୍ୟ ଭୁବନେଶ୍ୱର, ପୁରୀ ଓ କଟକରେ ସିଧାସଳଖ ବାତ୍ୟା ବିପନ୍ନଙ୍କୁ ସହାୟତା କାର୍ଯ୍ୟକ୍ରମ ଜାରି ରଖିଛି । ଏଥିସହିତ ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ନେତୃତ୍ୱରେ ବାତ୍ୟା ବିପନ୍ନଙ୍କ ଲାଗି ପାବୁରିଆ ଅଞ୍ଚଳରୁ ୧୦,୦୦୦ ଟଙ୍କା ସଂଗ୍ରହ କରାଯାଇ କନ୍ଧମାଳର ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯାଇଛି । ସ୍ୱାତୀର କର୍ମୀ ପ୍ରଦୀପ କୁମାର ସ୍ୱାଇଁ, ବୈଦ୍ୟନାଥ ଖଟୁଆ, ବିଶ୍ୱରଞ୍ଜନ କର, ଅଶୋକ କୁମାର ତ୍ରିପାଠୀ, ଶଙ୍କର ନାରାୟଣ ମହାନ୍ତି, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଉକ୍ତ ଟଙ୍କାକୁ ଚେକ୍ ମାଧ୍ୟମରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

## ମାସକର ପେନ୍‌ସନ ଦେଲେ ଅବସରପ୍ରାପ୍ତ ସେନା ଅଧିକାରୀ

**ଭଞ୍ଜନଗର,୧୦।୫(ଡି.ଏନ୍.ଏ.)**

ଭଞ୍ଜନଗର ବାଗ୍‌ଦେବୀ ରୋଡରେ ଥିବା ଅବସରପ୍ରାପ୍ତ ଜଳସେନ ଅଧିକାରୀ ବିପ୍ରଚରଣ ସାହୁ ନିଜ ମାସକର ପେନ୍‌ସନ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। ଶୁକ୍ରବାର ସାହୁ ଭଞ୍ଜନଗର ଏବିଡିଓ ଭଜରାମ ବିଶ୍ୱାଳଙ୍କୁ ଭେଟି ୩୦ହଜାର ୫୨୨ଟଙ୍କା ଟଙ୍କା ପ୍ରଦାନ କରିଥିଲେ।



■ ସୁଶାନ୍ତ ସାହୁ ହତ୍ୟା ଘଟଣା

## ହତ୍ୟାକାରୀଙ୍କ ଟେର୍ ପାଉନି ପୋଲିସ

**ଗୋପାଳପୁର,୧୦।୫**

ଗୋପାଳପୁର ଥାନା ବଡ଼ଗୁମୁଳା ଗ୍ରାମରେ ଗତ ଏପ୍ରିଲ ୨୦ରେ ସୁଶାନ୍ତ ସାହୁଙ୍କୁ ହତ୍ୟା କରାଯାଇଥିଲା। ଘଟଣାରେ ୨୦ଦିନ ବିତି ଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଓ ଷଡଯନ୍ତ୍ରକାରୀଙ୍କ ଟେର୍ ପାଉନି ପୋଲିସ। ଚିହ୍ନଟ ହୋଇଥିବା ଅଭିଯୁକ୍ତ ହତ୍ୟାକାଣ୍ଡ ପରେ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ସେମାନେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପୋଲିସ ଚଢାଉ କରିବା ପୂର୍ବରୁ ସେମାନେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଉଛନ୍ତି। ଅଭିଯୁକ୍ତମାନେ ମୋବାଇଲ ଫୋନ ବ୍ୟବହାର ନ କରି ଅନ୍ୟ ଲୋକଙ୍କ ଫୋନ ବ୍ୟବହାର କରି ପରିବାର ସହ ଯୋଗାଯୋଗ ରଖୁଥିବା ଜଣାପଡ଼ିଛି। ଯଦ୍ୱାରା ପୋଲିସ ସ୍ଥାନ ମଧ୍ୟ ସଠିକ୍ ଭାବେ ନିରୂପଣ କରିପାରୁନାହିଁ। ବର୍ତ୍ତମାନ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ କିଛିଦିନ ତଳେ ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦ ସହରରେ ଚଢ଼ାଉ କରିଥିଲେ। ରାଜ୍ୟର କେନ୍ଦ୍ରପଡ଼ା, କଟକ, ଭୁବନେଶ୍ୱର ଓ ଅନ୍ୟ ସ୍ଥାନରେ ମଧ୍ୟ ପୋଲିସ ଚଢ଼ାଉ କରିଥିଲା। ନିଜ ନିଜ ଓକିଲଙ୍କ ଦ୍ୱାରା କୋର୍ଟରେ ଅଭିଯୁକ୍ତମାନେ ଆତ୍ମସମର୍ପଣ କରିବା ପାଇଁ ଯୋଜନା କରୁଥିବା ଜଣାପଡିଛି।

ପ୍ରକାଶ ଯେ, ସୁଶାନ୍ତ ସାହୁ ଗତ ୨୦ ତାରିଖ ସନ୍ଧ୍ୟାରେ ଘର ସମ୍ମୁଖ ବାରଣ୍ଡାରେ ବସି ମୋବାଇଲରେ ଆଇପିଏଲ ମ୍ୟାଚ ଦେଖୁଥିବା ବେଳେ କେତେଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କୁ ୨ ତାରିଖରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ସମ୍ପର୍କରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ସହ ଯୋଗାଯୋଗ ବେଳେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ କାବୁ କରାଯିବା ସହ ଗ୍ରାମରେ କଡା ନଜର ରଖାଯାଇଥିବା ସୂଚନା ଦେଇଛନ୍ତି।

## ମା' ଶାରଳା ଠାକୁରାଣୀ ଯାତ୍ରା, ଆର୍.ଉଦୟଗିରି ଚଳଚଞ୍ଚଳ

**ଆର.ଉଦୟଗିରି,୧୦।୫(ଡି.ଏନ.ଏ.)**

ଗଜପତି ଜିଲା ଆର୍. ଉଦୟଗିରି ଗ୍ରାମରେ ମା' ଶାରଳା ଠାକୁରାଣୀଙ୍କ ଘଟପର୍ବ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଘରେ ଅତିଥିଙ୍କ ଆଗମନ ସାଙ୍ଗକୁ ସମସ୍ତଙ୍କ ଘରେ ପ୍ରସ୍ତୁତ ହେଉଛି ବିଭିନ୍ନ ପ୍ରକାରର ପିଠାପଣା ଓ ଘରେ ଘରେ ଖୁସିର ଲହରି ସହ ସମଗ୍ର ଗ୍ରାମ ଲୋକାରଣ୍ୟ ହୋଇ ଉଠିଛି। ପ୍ରତ୍ୟୁଷରେ ଆବାଳ ବୃଦ୍ଧ ବନିତା ନୂତନ ବସ୍ତ୍ର ପରିଧାନ କରି ମନ୍ଦିରରେ ମା' ଙ୍କୁ ଦର୍ଶନ କରିବା ସହ ତେଲ, ହଳଦୀ, ଚୁଆ, ଚନ୍ଦନ, ଗଙ୍ଗାଜଳ ଇତ୍ୟାଦି ନୈବେଦ୍ୟ ଦେଇ ମା'ଙ୍କୁ ସ୍ନାନ କରାଇଥିଲେ। ପରେ ନୂଆ ବସ୍ତ୍ର, କାଚ, କଳାମାଳି, କଳା ପରିଧାନ କରାଇ ମା' ଙ୍କ ରୂପସଜ୍ଜା କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ମଙ୍ଗଳହାଣ୍ଡି ବସାଯାଇଥିଲା। ପରେ ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଷୋହଳ ଫୁଲ, ଷୋହଳ ଦୁବ, ଷୋହଳ ବେଲପତ୍ର ମା'ଙ୍କ ମଥାରେ ଚଢାଇ ମା'ଙ୍କର ଷୋହଳ ଅପସରା ନୀତି ସମ୍ପନ୍ନ କରିଥିଲେ। ମା' ଠାକୁରାଣୀଙ୍କ ବାପଘର ଲୋକମାନେ ଆସି ମା' ଙ୍କ ପାଖରେ ଗୁହାରିଆ ପଡିଥିଲେ। ସମସ୍ତ ଭକ୍ତ ମା'ଙ୍କୁ ସ୍ମରଣ କରିବା ସହିତ ସମଗ୍ର ବିଶ୍ୱରୁ ଦୁରାଚାର ଓ ଅନ୍ୟାୟ ହଟାଇବା ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ମା'ଙ୍କ ପାଖରେ ଭୋଗ ଚଢାଯାଇଥିଲା। ଚାଞ୍ଚଡା ସାହିରୁ ରାତ୍ର ୭ଟାରେ ବିରାଟ ପଟୁଆରରେ ବାହାରିଥିଲେ। ସାରଳା ସାହି ନିକଟରେ ଥିବା ଠାକୁରାଣୀ ମନ୍ଦିରରେ ପହଞ୍ଚି ଏକ ଚାଙ୍ଗୁଡିରେ ଆଞ୍ଜାମାଳ ଫୁଲ ମୁଣ୍ଡରେ ଧରି ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ଶତାଧିକ ଶ୍ରଦ୍ଧାଳୁ ଠାକୁରାଣୀ ମନ୍ଦିର ସମ୍ମୁଖରେ ଜଗି ରହିଥିଲେ ମା'ଙ୍କର ଆଗମନକୁ। ଆଞ୍ଜାମାଳ ପହଞ୍ଚିବା ପରେ ମା'ଙ୍କ ମସ୍ତକରେ ଚଢାଯାଇଥିବା ଆଞ୍ଜା ଥିବା ଫୁଲମାଳ ଚାଙ୍ଗୁଡିରେ ପଡିବାରୁ ତାକୁ ଧରି ଗ୍ରାମର ଶହଶହ ଶ୍ରଦ୍ଧାଳୁଙ୍କ ଗହଣରେ ବାହାରିଥିଲେ। ଚାଞ୍ଚଡା ସାହିରେ ଥିବା ମା'ଙ୍କ ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ। ମହିଳାମାନେ ରଙ୍ଗବେରଙ୍ଗର ମୁରୁଜ ଝୋଟି ପକାଇ ମା'ଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱାସ ରହିଛି ମା'ଙ୍କର ଅସ୍ଥାୟୀ ପୀଠରେ ମା'ଙ୍କୁ ଦର୍ଶନ କଲେ ଭକ୍ତର ସମସ୍ତ ମନସ୍କାମନା ପୂରଣ ହୁଏ। ଏହା ପରଦିନ ଠାରୁ ମା' ପ୍ରତିସାହି ବୁଲିବେ। ଗ୍ରାମର ମହିଳାମାନେ ପୂଜାର୍ଚ୍ଚନା କରିଥିଲେ। ଏହି ଯାତ୍ରା ୭ ଦିନ ଅନୁଷ୍ଠିତ ହୋଇ ମା' ଠାକୁରାଣୀ ପୁଣି ଶାଶୁ ଘରକୁ ଫେରିଯିବେ। ପ୍ରତି ଦିନ ମା'ଙ୍କ ପାଖରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଏ। ଏହି ଯାତ୍ରା ପ୍ରତି ୩ ବର୍ଷରେ ଥରେ ହୁଏ।



ମା' ଶାରଳା ଠାକୁରାଣୀ।

ଧରିତ୍ରୀ
DHARITRI
ଶନିବାର, ୧୧ ମେ, ୨୦୧୯



## ସଂକ୍ଷେପରେ

### ଡିଏଲଏସଓ ନିର୍ଦ୍ଦେଶରେ ବିପନ୍ନଙ୍କୁ ମିଳିଲା ସହାୟତା

**ବ୍ରହ୍ମପୁର ଅଫିସ,୧୦।୫:** ଜିଲା ଆଇନସେବା ପ୍ରାଧିକରଣ (ଡିଏଲଏସଓ)ର ନିର୍ଦ୍ଦେଶରେ ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ କଣ୍ଟାବଣି ଗ୍ରାମର ୧୩ ଜଣ ଅଗ୍ନି ବିପନ୍ନ ପରିବାରଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ମିଳିଛି । ଡିଏଲଏସଓର ସଚିବ ବିଜୟ କୁମାର ଦାସ ବୁଗୁଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ବିପନ୍ନଙ୍କ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଥିଲା । ପ୍ରକାଶ ଯେ ଗତ କିଛିଦିନ ତଳେ ଉକ୍ତ ଗ୍ରାମର ୧୩ ଜଣ ପରିବାର ଭୟାବହ ଅଗ୍ନିକାଣ୍ଡର ଶିକାର ହୋଇଥିଲେ । ଏଥିରେ ସେମାନେ ତାଙ୍କର ସର୍ବସ୍ୱ ହରାଇ ବସିଥିଲେ । ତେବେ ଡିଏଲଏସଓ ନଜରକୁ ଏହା ଆସିବା ପରେ ସେ ବିପନ୍ନଙ୍କୁ ସହାୟତା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

### ସୁସ୍ଥ ହୋଇଛନ୍ତି ବ୍ରହ୍ମପୁର ବିଧାୟକ

**ବ୍ରହ୍ମପୁର ଅଫିସ,୧୦।୫:** ବ୍ରହ୍ମପୁର ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ଦିଲ୍ଲୀ ନିକଟ ଗୁରୁଗାଓଁ ସୁପର ସ୍ପେଶିଆଲିଟ୍ ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଶେଷଜ୍ଞ ଚିକିତ୍ସକ ତାଙ୍କୁ ପୁରା ଫିଟ୍ ଦର୍ଶାଇ ଡିସ୍‌ଚାର୍ଜ କରିଛନ୍ତି । ଶନିବାର ସେ ବ୍ରହ୍ମପୁରରେ ପହଞ୍ଚିବେ ବୋଲି ବିଧାୟକଙ୍କ ଏକାନ୍ତ ଅନୁଗତ ତଥା ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ଶୁକ୍ରବାର ସୂଚନା ଦେଇଛନ୍ତି । ଚ୍ୟାଉ ପଟ୍ଟନାୟକ ଗୁରୁତର ଅସୁସ୍ଥ ହୋଇ ଉନ୍ନତମାନର ଚିକିତ୍ସା ପାଇଁ ଗୁରୁଗାଓଁ ଯାଇଥିବା ଗୁଜବ ପରେ ମହାନଗରର ବିଭିନ୍ନ ମହଲରେ ନାନା ଆଶଙ୍କା ସୃଷ୍ଟି ହୋଇଥିଲା । କେତେକ ସମର୍ଥକଙ୍କ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରି ଧାର୍ମିକ ପୀଠରେ ଗୁରୁବାର ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ତେବେ ସେ ସୁସ୍ଥ ହୋଇ ଫେରୁଥିବା ଖବର ପହଞ୍ଚିବା ପରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

### କ୍ଷୁଦ୍ର ଔଦ୍ୟୋଗିକ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାରଳାଖେମୁଣ୍ଡି, ୧୦।୫ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ପରିସରରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଚାଲିଥିବା କ୍ଷୁଦ୍ର ଔଦୋଗିକ ବିକାଶ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଗତ ୧୦ ଦିନ ଧରି ଚାଲିଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି, ଜିଲା ନାବାର୍ଡ ଅଧିକାରୀ ସୁଦମନ୍ୟୁ ପାଲ, ଜିଲା ଶିଳ୍ପ କେନ୍ଦ୍ରର ରଶ୍ମିରାଣୀ ସିଂ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମସ୍ତ ତାଲିମହାସଲକାରୀ କଠିନ ପରିଶ୍ରମ କଲେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ତାଲିମକେନ୍ଦ୍ରର ପାଠ୍ୟ ସଂଯୋଜକ ଦିଲୀପ କୁମାର ତନ୍ତି ପରିଚାଳନା କରିଥିଲେ। କେନ୍ଦ୍ରର ନିର୍ଦ୍ଦେଶକ ଚିନ୍ତାମଣୀ ଭୂୟାଁ ଧନ୍ୟବାଦ ଦେଇଥିଲେ।

### ପୋଲିସ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ସହାୟତା

**କାଶୀନଗର,୧୦।୫(ଡି.ଏନ୍.ଏ.):** ଗଜପତି ଜିଲା କାଶୀନଗର ପୋଲିସ ପକ୍ଷରୁ ସାମୁଦ୍ରିକ ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି । ଥାନା ଅଧିକାରୀ ଆନନ୍ଦଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଥାନାର ସମସ୍ତ କର୍ମଚାରୀ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ବୁଲି ୬୭ ହଜାର ୫୪୨ ଟଙ୍କା, ୬୮ ବସ୍ତା ଚାଉଳ ଓ ଲୁଗାପଟ୍ଟା ସଂଗ୍ରହ କରିଥିଲେ । ଶୁକ୍ରବାର ଗଜପତି ଏସ୍‌ପିଙ୍କ ଜରିଆରେ ସଂଗୃହିତ ଅର୍ଥ ଓ ସାମଗ୍ରୀ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି । ପୋଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବାତ୍ୟା, ବନ୍ୟା ଜୋନ୍‌ରେ ଗଞ୍ଜାମ

# ଏସ୍‌ଏଚ୍‌ଜି ମହିଳାଙ୍କୁ ଦିଆଯିବ ବିପର୍ଯ୍ୟୟ ମୁକାବିଲା ତାଲିମ

**ବ୍ରହ୍ମପୁର ଅଫିସ୍,୧୦।୫**

ବଙ୍ଗୋପସାଗର ଉପକୂଳରେ ଥିବା ଗଞ୍ଜାମ ଜିଲାକୁ ପ୍ରତି ବର୍ଷ ବାତ୍ୟା ଏବଂ ବନ୍ୟାର ଭୟ ଦେଖାଦେଇଥାଏ । ୨୦୧୩ରେ ଫାଇଲିନ୍, ୨୦୧୪ରେ ହୁଦ୍‌ହୁଦ୍ ହେଉ ଅବା ୨୦୧୮ରେ ତିତ୍‌ଲି ଏବଂ ପୁଣି ୨୦୧୯ରେ ଫନୀ ବାତ୍ୟାରେ ପ୍ରବଳ ଧନଜୀବନ ହାନୀ ହୋଇଛି। ଥରେ ବାତ୍ୟା ଏବଂ ବନ୍ୟା ହେଲା ପରେ ପ୍ରଭାବିତଙ୍କୁ ଯେଉଁ ସରକାରୀ ସହାୟତା ମିଳେ, ତାହା ଖୁବ୍ କମ୍ । ତେବେ ଗଂଜାମ ଜିଲାର ବାସିନ୍ଦାଙ୍କୁ ବାତ୍ୟା ଏବଂ ବନ୍ୟାର କ୍ଷୟକ୍ଷତିରୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେଇଛି ଜିଲା ପ୍ରଶାସନ । ଜିଲାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ୍ ଦେବା ପାଇଁ ଜିଲା ପ୍ରଶାସନ ଯୋଜନା ପ୍ରସ୍ତୁତ କରିଛି । ଜିଲାର ୨୨ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏଥିରେ ସାମିଲ୍ କରାଯିବ ।

ଜଣେ ପ୍ରଶାସନିକ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ଏବଂ ବନ୍ୟାର ମୁକାବିଲା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଗର୍ଭବତୀଙ୍କୁ ଚିକିତ୍ସାଳୟରେ ଭର୍ତ୍ତି ଆଦି ପଦକ୍ଷେପ ନିଆଯାଏ । ତେବେ ଦେଖିବାକୁ ମିଳିଛି ଯେ, ମୁକାବିଲା ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ବେଳେ ପ୍ରଶାସନ ଆଗରେ ମୁଖ୍ୟ ଚ୍ୟାଲେଞ୍ଜ ରହୁଛି ମାନବ ସମ୍ବଳର ଅଭାବ । କେବଳ ସରକାରୀ କର୍ମଚାରୀମାନେ ଯଥେଷ୍ଟ ହେଉନାହାନ୍ତି। ଅଧିକ ମାନବ ସମ୍ବଳର ଆବଶ୍ୟକତା ପଡୁଛି । ଏହାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ସାମିଲ୍ କରାଯିବ । ଲୋକମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ହେଉ ଅବା ଖାଦ୍ୟ ପ୍ରଦାନ, ଏସବୁ କାର୍ଯ୍ୟକ୍ରମରେ ସେମାନଙ୍କୁ ବ୍ୟବହାର କରାଯିବ । ସରକାରଙ୍କ ବିଭିନ୍ନ ବିଭାଗରେ ସ୍ୱତନ୍ତ୍ର ତାଲିମଦାତା ରହିଛନ୍ତି । ପ୍ରଥମେ ଏହି ତାଲିମଦାତାଙ୍କୁ ତାଲିମ୍ ପ୍ରଦାନ କରାଯିବ । ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ଆଦି ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନେ ଏହି ତାଲିମଦାତାଙ୍କୁ ତାଲିମ୍ ଦେବେ । ପରେ ଏହି ତାଲିମଦାତାମାନେ ବ୍ଲକ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ତାଲିମ୍ ପ୍ରଦାନ କରିବେ । ପ୍ରଥମେ ଗୋଷ୍ଠୀଗୁଡ଼ିକର ସଭାନେତ୍ରୀମାନଙ୍କୁ ଏବଂ ପରେ ସଦସ୍ୟାମାନଙ୍କୁ ତାଲିମ୍ ପ୍ରଦାନ କରାଯିବ । ମୁଖ୍ୟତଃ ବାତ୍ୟା, ବନ୍ୟା, ଭୂମିକମ୍ପ, ଅଗ୍ନିକାଣ୍ଡ, ଦୁର୍ଘଟଣା, ସାପ କାମୁଡ଼ା ଏବଂ ଭାସିଯାଉଥିବା ବେଳେ କେମିତି ଉଦ୍ଧାର କରାଯିବ ସେନେଇ ତାଲିମ୍ ଦିଆଯିବ । ବର୍ତ୍ତମାନ ତାଲିମ୍ ସଂପର୍କରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି । ଖୁବ୍ ଶୀଘ୍ର ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସଂପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି ।

ଏହି ଯୋଜନାର ସଫଳତାକୁ ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବେଳେ ମାନବ ସମ୍ବଳ ସମସ୍ୟା ଦୂର ହେବ ବୋଲି କୁହାଯାଉଛି । ମିଶନ୍ ଶକ୍ତି ଏବଂ ଅନ୍ୟାନ୍ୟ ଯୋଜନାଗୁଡ଼ିକ ଦ୍ୱାରା ସରକାରଙ୍କ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ପଦକ୍ଷେପ ନିଆଯାଇଛି । ବିପର୍ଯ୍ୟୟ ମୁକାବିଲ୍ ତାଲିମ୍ ଏହି ଦିଗରେ ଆଉ ଏକ ଉଦ୍ୟମ । ଅନ୍ୟପଟେ ଗୋଷ୍ଠୀଗୁଡ଼ିକ ତରଫରୁ ମଧ୍ୟ ପ୍ରଶାସନକୁ ଏହି ପଦକ୍ଷେପକୁ ପ୍ରସଂସା କରାଯାଇଛି ।



## ଓଡିଶା ଜେଲ ଟ୍ରେନିଂ ସ୍କୁଲର ପାସିଂ ଆଉଟ ପରେଡ

# ଅପରାଧୀଙ୍କ ଲୁକ୍କାୟିତ ବ୍ୟକ୍ତିତ୍ୱକୁ ଜାଗ୍ରତ କରିବାକୁ ପରାମର୍ଶ



କାରାରକ୍ଷୀମାନେ ପରେଡ ପ୍ରଦର୍ଶନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ, ୧୦।୫**

କଏଦୀଙ୍କ ମନ ମଧ୍ୟରେ ଏକ ଉତ୍ତମ ବ୍ୟକ୍ତିତ୍ୱ ରହିଛି। ନୂତନ ଭାବେ ତାଲିମପ୍ରାପ୍ତ କାରାରକ୍ଷୀମାନେ କର୍ମକ୍ଷେତ୍ରରେ ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ ହୋଇ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଅପରାଧୀଙ୍କ ମନ ମଧ୍ୟରେ ଥିବା ନୂତନ ବ୍ୟକ୍ତିତ୍ୱକୁ ଜାଗ୍ରତ କରାଇବା ଦିଗରେ ଚେଷ୍ଟା କରିବା ଆବଶ୍ୟକ । ଶୁକ୍ରବାର ବ୍ରହ୍ମପୁର ଶିଳ୍ପାଞ୍ଚଳ ସ୍ଥିତ ଓଡିଶା ଜେଲ ଟ୍ରେନିଂ ସ୍କୁଲର ୪୯ତମ ୱାର୍ଡର ଟ୍ରେନର ବ୍ୟାଚର ପାସିଂ ଆଉଟ ପରେଡ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଓଡିଶା ପୋଲିସ କାରାଗାର ବିଭାଗର ଆଡିଶନାଲ ଡିଜି ତଥା ସଂସ୍କାର ସେବା ନିର୍ଦ୍ଦେଶକ ମହେନ୍ଦ୍ର ପ୍ରତାପ ଏହା କହିଛନ୍ତି। ପରେଡରେ ଅଭିବାଦନ କରିବା ପରେ ସେ ଆହୁରି କହିଛନ୍ତି, କାରାଗାର ବ୍ୟବସ୍ଥାକୁ ସୁଦୃଢ କରାଯିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ବର୍ତ୍ତମାନ ୮୬ ଜେଲ କାର୍ଯ୍ୟକ୍ଷମ ରହିଛି। ପୂର୍ବ ଅପେକ୍ଷା କାରାଗାର ବ୍ୟବସ୍ଥାରେ ମଧ ପରିବର୍ତ୍ତନ ଅଣାଯାଇଛି। କଏଦୀଙ୍କ ଦକ୍ଷତା ବିକାଶ ସହ ଜେଲରୁ ମୁକ୍ତି ପରେ ସେମାନଙ୍କୁ ଥଇଥାନ କରାଯିବା ଉପରେ ମଧ ପଦକ୍ଷେପ ନିଆଯାଉଥିବା ସେ ସୂଚାଇଥିଲେ। ସ୍କୁଲର ଅଧକ୍ଷା ସୁଦୀପ୍ତା ପାଣିଗ୍ରହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୀର୍ଘ ୯ମାସ ଧରି ବିଭିନ୍ନ କ୍ଷେତ୍ରରେ ତାଲିମ ନେଇଥିବା ୨୨ ମହିଳାଙ୍କ ସମେତ ୨୨୩ କାରାରକ୍ଷୀ ପରେଡରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର କାରାଗାର ରେଞ୍ଜର ଡିଆଇଜି ଆର.ଏନ ମାଝି, ବ୍ରହ୍ମପୁର ଜେଲର ଶଶିକାନ୍ତ ମାହାଲିକ, ଆସିଷ୍ଟାଣ୍ଟ ଜେଲର କାମାକ୍ଷାପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କାରାରକ୍ଷୀଙ୍କୁ ପୁରସ୍କୃତ କରାଯାଇଥିଲା । ମକରଧ୍ୱଜ ହୋତା, ବଙ୍କିମଚନ୍ଦ୍ର ମହାନ୍ତି, ଧରଣୀଧର ଦାଶ, ଶୀତ କୁମାର ଦାଶ, ବିଶ୍ୱଭାନୁ ପଟ୍ଟନାୟକ, ବିଜୟ କୁମାର ସାହୁ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ସ୍କୁଲର ବରିଷ୍ଠ ଅଧାପକ ଡ. ବୀର କିଶୋର ଦାଶ ଧନ୍ୟବାଦ ଦେଇଥିଲେ।

## ଡକାୟତି ମାମଲା, ୪ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୦।୫**

ମେଡିକାଲ ଛାତ୍ରଙ୍କୁ ମାଡ଼ ମାରି ବାଇକ, ମୋବାଇଲ ଓ ଟଙ୍କା ଲୁଟ ମାମଲାର ଶୁଣାଣି କରି ଏସଡିଜେଏମ ସରୋଜିନୀ ସାହୁ ୪ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ଖାଜା ସାହିର ସାହିଲ୍ ବେଗ୍, ବଡ଼ଖେମୁଣ୍ଡି ସାହିର ମହମ୍ମଦ୍ ଆରିଫ୍ ବେଗ୍, ଚିକୁ ପଟ୍ଟନାୟକ ଓ ସାନ ବଜାର ଜଗମ୍ପେଟା ସାହିର ତିରୁପତି ସ୍ୱାଇଁ । ୨୦୧୩ ଜୁନ ୧୩ରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ପ୍ରଥମ ବର୍ଷ ଛାତ୍ର ଥିବା ଭଦ୍ରକ ଚାନ୍ଦବାଲିର ଆଦିତ୍ୟ ପତି ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ। ସେ ଏକ ହୋଟେଲ ପଛରେ ବସିଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟାରେ ଉପରୋକ୍ତ ୪ ଜଣ ସେଠାରେ ପହଞ୍ଚି ତାଙ୍କୁ ବନ୍ଧୁକ ଦେଖାଇ ମାଡ଼ ମାରିବା ସହ ୨ଟି ମୋବାଇଲ, ବାଇକ୍ (ନଂ ଓଡି୦୭ଏଏ୫୭୫୫) ଓ ୪୦୦ ଟଙ୍କା ଛଡ଼ାଇ ନେଇଯାଇଥିଲେ । ଆଦିତ୍ୟ ପାଟି କରିବାରୁ ସ୍ଥାନୀୟ ଲୋକ ଓ କୋଷ୍ଟଗାର୍ଡ ଚାରିଜଣଙ୍କୁ କାବୁ କରିବା ସହ ପୋଲିସ ଜିମା ଦେଇଥିଲେ । ଏ ନେଇ ସେ ସମୟରେ ଗୋପାଳପୁର ଥାନା ପୋଲିସ ନଂ.୭୪/୧୩ରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ୧୪ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଏସଡିଜେଏମ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ମୁଦାଲାଙ୍କ ପକ୍ଷରୁ କପିଳ ପଟ୍ଟନାୟକ, କରୁଣାକର ପାଣିଗ୍ରାହୀ ଓ ବରୁଣ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ ।

## ଓଡ଼ିଶା ବାସ୍କେଟବଲ୍ ଦଳରେ ଗଞ୍ଜାମର ଦୁଇ ଖେଳାଳି

**ବ୍ରହ୍ମପୁର ଅଫିସ୍,୧୦।୫**



ବନିତା ଚାର୍ଲସ ।



ବଳରାମ ।

କୋଇମ୍ବଟୁର୍ ଠାରେ ଆସନ୍ତା ୧୪ରୁ ୨୧ତାରିଖ ପର୍ଯ୍ୟନ୍ତ ଜାତୀୟ ୟୁଥ୍ ବାସ୍କେଟବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶା ବାସ୍କେଟବଲ୍ ଦଳ ଘୋଷିତ ହୋଇଯାଇଛି । ଓଡ଼ିଶା ଦଳରେ ଗଞ୍ଜାମର ୨ ଖେଳାଳି ସାମିଲ୍ ହୋଇଛନ୍ତି। ସେମାନେ ହେଲେ ବନିତା ଚାର୍ଲସ ଏବଂ ବଳରାମ । ଉଭୟ ଖେଳାଳି ଖୁବ୍ ଶୀଘ୍ର ଓଡ଼ିଶା ଦଳ ସହ ଯୋଗଦେବେ। ବନିତା ଏବଂ ବଳରାମ ବରିଷ୍ଠ ବାସ୍କେଟବଲ୍ କୋଚ୍ କାଜଲ ସାହୁଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ । ଗଂଜାମ ଜିଲା କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ଅଶୋକ ସାହୁ, ବାସ୍କେଟବଲ୍ ସଂପାଦକ ଶରତ ଚନ୍ଦ୍ର ମହାପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ଅଜ ତିଆଡ଼ି ଏବଂ ଅନ୍ୟ ସଦସ୍ୟମାନେ ଖେଳାଳିଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

## ବଳାତ୍କାରୀଙ୍କୁ ଆଜୀବନ ଜେଲ

**ବ୍ରହ୍ମପୁର ଅଫିସ,୧୦।୫**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଡେଜିଗନେଟେଡ୍ ପୋକ୍‌ସୋ ଜଜ୍ ଦୀପକ କୁମାର ଅଭିଯୁକ୍ତ କାଳିଆ ଦାସଙ୍କୁ ଶୁକ୍ରବାର ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ମଧ ନିର୍ଦ୍ଦେଶ ହେଇଛି। ଜରିମାନା ନ ଦେଲେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବେ। ସେହିପରି ନ୍ୟାଶନାଲ୍ ଲିଗାଲ୍ ସର୍ଭିସ୍ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଏଲଏସ) ଗାଇଡ୍ ଲାଇନ ଅନୁସାରେ ପୀଡ଼ିତାଙ୍କୁ ଥଇଥାନ ପାଇଁ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ପ୍ରାଧିକରଣ ସଚିବ (ଡିଏଲଏସଓ)ଙ୍କୁ କୋର୍ଟ ତରଫରୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି । ୨୦୧୬ ଅଗଷ୍ଟ ୧୧ରେ ନାବାଳିକାଙ୍କୁ କାଳିଆ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ନଂ.୧୧୯/୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କାଳିଆ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ପୁରୁଷୋତ୍ତମପୁର ଥାନା ଏସଆଇ ବିଭୂତି ମହାନ୍ତି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ । ଅଭିଯୁକ୍ତ କାଳିଆ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି । ଶୁକ୍ରବାର ଏହି ମାମଲାର ବିଚାର ବେଳେ ୧୪ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଜଜ୍ ଦୀପକ କୁମାର ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ପୀଡ଼ିତା ଏବେ ନିଜ ବାପା ମାଆଙ୍କ ପାଖରେ ରହୁଥିବା ଜଣାପଡ଼ିଛି ।

## ରେଳଧାରଣା କଡ଼ରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୦।୫**

ରେଳବାଇ ପୋଲିସ ଶୁକ୍ରବାର ଆଙ୍କୁଲି ରେଳଧରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପ୍ରାୟ ୪୫ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ନଂ.୧୫/୧୯ରେ ଏକ ଅପମୃତ୍ୟୁ ରୁଜୁ କରାଯାଇଛି। ଯୁବକ ଜଣକ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ୭୨ ଘଣ୍ଟା ଯାଏ ମୃତଦେହକୁ ସଂରକ୍ଷଣ ଗୃହରେ ରଖାଯିବ ବୋଲି ଥାନାଧିକାରୀ ସୁକାନ୍ତ ଭୋଇ କହିଛନ୍ତି ।

## ପୁରୀରେ ବ୍ରହ୍ମପୁର ସଫେଇ କର୍ମଚାରୀ

**ବ୍ରହ୍ମପୁର ଅଫିସ,୧୦।୫**

ସାମୁଦ୍ରିକ ବାତ୍ୟା ଫନୀ ପରେ ବ୍ରହ୍ମପୁର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି । ସବୁ ୱାର୍ଡରେ କୁଢ଼ କୁଢ଼ ଆବର୍ଜନା ନିଷ୍କାସନ ହୋଇନପାରି ପଡ଼ି ରହିଛି । ମହାନଗର ନିଗମ ପକ୍ଷରୁ ୪ ଶତାଧିକ ସଫେଇ କର୍ମଚାରୀ ପୁରୀ ଯାଇଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଅପରପକ୍ଷରେ ମଝିରେ ମଝିରେ ଏଠାରେ ବର୍ଷା ହେଉଛି ଏବଂ ମଇଳା ଉପରେ ପାଣି ପଡ଼ି ଦୁର୍ଗନ୍ଧରେ ନାକ ଫାଟୁଛି । ନିଗମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ଗତ ୬ ତାରିଖରେ ଏଠାରୁ ୩ ଶହ ସଫେଇ କର୍ମଚାରୀ ପୁରୀ ଯାଇଥିଲେ । ୩ ଦିନ ସଫେଇ କାମ କରି ୮ ତାରିଖ ରାତିରେ ଫେରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଦେଢ଼ ଶହ ସଫେଇ କର୍ମଚାରୀ ପୁରୀ ଯାଇଛନ୍ତି । ନିଗମ କମିଶନର ଓ ଆଉ କେତେକ ଅଧିକାରୀ ସେଠାରେ ମନିଟରିଂ କରୁଛନ୍ତି । ମହାନଗରର ୩୭ ୱାର୍ଡର ସଫେଇ ବା ପରିମଳ କାର୍ଯ୍ୟ ଘରୋଇକରଣ କରାଯାଇଛି । ଏ ବାବଦରେ ପ୍ରତି ମାସରେ ପ୍ରାୟ କୋଟିଏ ଟଙ୍କା ବ୍ୟୟ ହେଉଛି । ଅନ୍ୟ ୩ ୱାର୍ଡରେ ନିଗମର ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ରାସ୍ତାଘାଟ ଓ ଡ୍ରେନ ସଫା କରୁଛନ୍ତି । ବାତ୍ୟା ଫନି ମାଡ଼ରେ ଶ୍ରୀକ୍ଷେତ୍ର ପୁରୀ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ପୁରୀର ପରିମଳ ଅବସ୍ଥା ସଜାଡ଼ିବା ପାଇଁ ଘରୋଇକରଣ ହୋଇଥିବା ୱାର୍ଡଗୁଡ଼ିକର କର୍ମଚାରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଯାଇଛନ୍ତି। ତେଣୁ ସମସ୍ୟା ଦେଖା ଦେଇଛି । ବିଭିନ୍ନ ସାହିବସ୍ତିରେ ଗୁହାଳ ଥିବାରୁ ମଶା ବଂଶ ବୃଦ୍ଧି ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ସମ୍ପୃକ୍ତ ମାଲିକଙ୍କ ବିରୋଧରେ କାଯର୍‌ୟାନୁଷ୍ଠାନ ଓ ଜୋରିମାନା ଆଦାୟ କରାଯିବାର ପଦକ୍ଷେପ ନିଆଯାଇଥିବା ନିଗମ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି ।

## ମ୍ୟାଲେରିଆ ନିରାକରଣ ପାଇଁ ଆରମ୍ଭ ହେଲା 'ଦମନ'

# ଚିକିଟି, କୁକୁଡ଼ାଖଣ୍ଡି, କୋଦଳା ବ୍ଲକ ସାମିଲ

**ବ୍ରହ୍ମପୁର ଅଫିସ୍,୧୦।୫**

ଗଞ୍ଜାମ ଜିଲାରେ ମ୍ୟାଲେରିଆକୁ ନିୟନ୍ତ୍ରଣରେ ରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଛି । ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆକୁ ମୂଳପୋଛ କରିବା ପାଇଁ ଆରମ୍ଭ ହୋଇଯାଇଛି 'ଦମନ' । ଜିଲାର ୭ଟି ବ୍ଲକ ଯଥା ଧରାକୋଟ, ଚିକିଟି, କୁକୁଡ଼ାଖଣ୍ଡି, କୋଦଳା, ପାତ୍ରପୁର, ପୋଲସରା ଏବଂ ସାନଖେମୁଣ୍ଡିରେ ଏହି କାର୍ଯ୍ୟକ୍ରମ ହେଉଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ଚିକିଟି, କୁକୁଡ଼ାଖଣ୍ଡି ଏବଂ କୋଦଳା ବ୍ଲକକୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି । ଅନ୍ୟ ୪ ବ୍ଲକରେ ଗତବର୍ଷ ମଧ ଦମନ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବ ବର୍ଷ ଥିବା ଭଞ୍ଜନଗର, ସୋରଡ଼ା ଏବଂ ଦିଗପହଣ୍ଡିରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା କମିଥିବାରୁ ଏସବୁ ବ୍ଲକକୁ ଚଳିତ କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି।

ଜିଲା ମ୍ୟାଲେରିଆ ଅଧିକାରୀ ଡା. ଜଗଦୀଶ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ବର୍ଷକୁ ଦୁଇଥର ଦମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ବର୍ଷା ପୂର୍ବରୁ ଏବଂ ପରେ। ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ୭ଟି ବ୍ଲକର ୧୩୫ଟି ଗ୍ରାମରେ ଏହା ହେବ । ମୋଟ ୮୦ଟି ଶିବିର ଅନୁଷ୍ଠିତ ହେବ । ସାନଖେମୁଣ୍ଡି ବ୍ଲକ, କୁକୁଡ଼ାଖଣ୍ଡି ବ୍ଲକରେ ୧୦ଟି ଲେଖାଏଁ ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ଚିକିଟି, କୋଦଳା ଏବଂ ପୋଲସରାରେ ୫ଟି ଲେଖାଏ, ଧରାକୋଟରେ ୧୫ ଏବଂ ପାତ୍ରପୁର ବ୍ଲକରେ ୩୦ଟି ଶିବିର ଅନୁଷ୍ଠିତ ହେବ। ପ୍ରତ୍ୟେକ ଶିବିର ୩ ଦିନ ଯାଏଁ ଚାଲିବ। ମେ' ୩୧ତାରିଖ ପର୍ଯ୍ୟନ୍ତ ଏପରି ଚାଲିବ। ଶିବିରରେ ମ୍ୟାଲେରିଆ ପରୀକ୍ଷା କରାଯିବ। ଆବଶ୍ୟକସ୍ଥଳେ ଔଷଧ ପ୍ରଦାନ କରାଯିବ। ଗର୍ଭବତୀ, ଯୁବତୀ ଏବଂ ଶିଶୁମାନଙ୍କ ହେମୋଗ୍ଲୋବିନ୍ ପରୀକ୍ଷା ମଧ କରାଯିବ । ଶିଶୁମାନଙ୍କ ଓଜନ ଏବଂ ଉଚ୍ଚତା ପରୀକ୍ଷା ହେବ । ଏତଦ୍ ବ୍ୟତୀତ ଗ୍ରାମବାସୀଙ୍କୁ ଔଷଧୀୟ ମଶାରି ବଣ୍ଟନ କରାଯିବ। ଔଷଧ ସଞ୍ଚନ କରାଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ହଜାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଲକ୍ଷ୍ୟ ରଖାଯାଇଥିବା ମ୍ୟାଲେରିଆ ଅଧିକାରୀ ପ୍ରକାଶ କରିଛନ୍ତି । ଗତବର୍ଷ ମଧ୍ୟ ଜିଲାରେ ଦୁଇଟି ପର୍ଯ୍ୟାୟରେ ଦମନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୨୦ଟି ଗ୍ରାମରେ ୧୯ହଜାର ୧୧୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ହଜାର ୬୧୮ଜଣଙ୍କ ରକ୍ତ ନମୁନାରେ ମ୍ୟାଲେରିଆ ପଜେଟିଭ ବାହାରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୧୧୪ଟି ଗ୍ରାମରେ ୧୬ହଜାର ୫୫୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିରୁ ୨ହଜାର ୧୬୮ଜଣଙ୍କ ରକ୍ତ ନମୁନାରେ ମ୍ୟାଲେରିଆ ମିଳିଥିଲା ।



ପାତ୍ରପୁର ବ୍ଲକର ଏକ ଗ୍ରାମରେ ଦମନ ଶିବିର ଚାଲିଛି ।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା

**ସୋରଡ଼ା, ୧୦।୫ (ଡି.ଏନ୍.ଏ.):** ସୋରଡ଼ାରେ ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଠାରେ ମୋଟ ୨୭ ଛାତ୍ରୀ, ୩୩ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୫୮ ଜଣ ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୨ଜଣ ୯୫.୮ ଏବଂ ୯୫.୬ ପ୍ରତିଶତ, ଜଣେ ୯୪ ପ୍ରତିଶତ ଓ ୪୫ଜଣ ୬୦ ପ୍ରତିଶତ ରଖିଛନ୍ତି। ସୁମନ ପାଢ଼ୀ, ଶୁଭମ ଆଚାରୀ, ମଧୁସ୍ମିତା ବେହେରା ସର୍ବାଗ୍ରେ ରହିଥିବା ଅଧକ୍ଷ ବିଦ୍ୟାଧର ମହାରଣା ସୂଚନା ଦେଇଛନ୍ତି।

### ପୋଖରୀ ଖୋଳାକୁ ନେଇ ବିବାଦ, ଜିଲାପାଳଙ୍କୁ ଦାବିପତ୍ର

**କେନ୍ଦୁଝର, ୧୦।୫ (ସ୍ୱ.ପ୍ର.):** କେନ୍ଦୁଝର ସଦର ବ୍ଲକ କବିତ୍ରା ମୌଜାରେ ଦେବୋତ୍ତର ଜମିରେ ୪ଟି ପୋଖରୀ ଖୋଳାଯିବା ଘଟଣା ନେଇ ବିବାଦ ଦେଖାଦେଇଛି । ଏକ ରାସ୍ତା ନିର୍ମାଣ କମ୍ପାନୀକୁ ମାଟି ଦେବା ଆଳରେ ଏଭଳି ପୋଖରୀ ଖୋଳାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏଭଳି ରାସ୍ତା କାମ ବେଳେ ଏକ ପୋଖରୀ ପୁନରୁଦ୍ଧାର କରିବା ଲାଗି ଗ୍ରାମବାସୀ ମାଟି ଖୋଳିଥିଲେ । ପରେ ମାଟି ଖୋଳିଥିବା ସଂସ୍ଥା ଓ ଗ୍ରାମବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ଆବଶ୍ୟକତା ନ ଥାଇ କାହିଁକି ଏପରି ପୋଖରୀ ଖୋଳାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଶୁକ୍ରବାର ହେମନ୍ତ ମହାନ୍ତ, ଶରତ ମହାନ୍ତ, ବିଜୟ ମହାନ୍ତଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଆହୁରି ଦର୍ଶାଇଛନ୍ତି ଯେ, ଯେଉଁ ସ୍ଥାନରେ ଏବେ ପୋଖରୀ ଖୋଳାଯାଇଛି, ତଦ୍ୱାରା ପରିବେଶ ପ୍ରଭାବିତ ହେବ ଏବଂ ଲୋକେ ଯାତାୟାତ କରିବାରେ ହଇରାଣ ହେବେ । ଛୋଟ ପିଲାମାନେ ଅଧିକ ଅସୁବିଧାରେ ପଡିବେ । ଦୁର୍ଘଟଣା ଘଟିବା ଆଶଙ୍କା ରହିବ। ଗାଁର ଚାଷୀମାନେ ମଧ ହଇରାଣ ହେବେ। ଗ୍ରାମବାସୀଙ୍କୁ ନ ଜଣାଇ ବିଭାଗ ପକ୍ଷରୁ ପୋଖରୀ ଖନନ ନିଷ୍ପତ୍ତି ନିଆଯାଉଥିବାରୁ ସେମାନେ ଏହାକୁ ବିରୋଧ କରୁଥିବା କହିଛନ୍ତି।

### ୧୨ ଚୋରି ଗାଈ ଉଦ୍ଧାର, ଚୋର ର୍ୟାକେଟ ସକ୍ରିୟ

**ବନ୍ତ, ୧୦।୫ (ସ୍ୱ.ପ୍ର.) :** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ ଓ କୋଳିପଦି ଗ୍ରାମର କେତେକ ଲୋକଙ୍କର ଏକକାଳୀନ ୨୦ରୁ ଊର୍ଦ୍ଧ୍ୱ ଗାଈ ଗୁରୁବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ସହ ଗାଈ ମାଲିକମାନେ ଆଲୋଚନା କରିଥିବା ବେଳେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। କୌଣସି ସୂତ୍ରରୁ ଖବର ପାଇ ପ୍ରଦୀପ ପୁହାଣ, ଅଖୁଜି ନାୟକ ଭଦ୍ରକ ପୋଲିସ ସହାୟତାରେ ଶୁକ୍ରବାର ଅପରାହ୍ନରେ ୧୨ ଗାଈ ଉଦ୍ଧାର କରିଛନ୍ତି। ଭଦ୍ରକ ପୁରୁଣାବଜାର ୨୮ ନମ୍ବର ୱାର୍ଡରେ ଏକ ମସ୍‌ଜିଦ ନିକଟରେ ଏହି ଗାଈଗୁଡିକ ବନ୍ଧା ଯାଇଥିବା ସେମାନେ ଦେଖିବାକୁ ପାଇଥିଲେ। ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ପୁରୁଷଣ୍ଡ ଗ୍ରାମର ନୃସିଂହ ଖୁଣ୍ଟିଆଙ୍କର ୫, ବିଜୟ ପୁହାଣଙ୍କର ୪, ନବ ସାହୁଙ୍କର ୨, କାଳିଆ ମହାକୁଡଙ୍କର ଗୋଟିଏ ଓ ଅଖୁଜି ନାୟକଙ୍କ ଗୋଟିଏ ଗାଈ ସମେତ ଅନ୍ୟ କେତେକ ଲୋକଙ୍କ ଗାଈ ନିଖୋଜ ଥିଲେ। ଗୁରୁବାର ସକାଳୁ ଗାଈଗୁଡ଼ିକ ଚରିବା ପାଇଁ ବିଲକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ଗାଈ ମାଲିକମାନେ ଖୋଜାଖୋଜି କରି ପାଇ ନ ଥିଲେ। ଧୀରେ ଧୀରେ ଏତେସଂଖ୍ୟକ ଗାଈ ନିଖୋଜ ଥିବା ଜଣାପଡ଼ିବା ପରେ ବିଲରୁ ଚୋରି ହୋଇଥିବା ସନ୍ଦେହ କରାଯାଇଥିଲା। ଏକ ଚୋରି ର୍ୟାକେଟ ସକ୍ରିୟ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ପୁରୁଷଣ୍ଡ ଗାଁର ଯୁବକମାନେ ମିଳିତ ଭାବେ ବିଭିନ୍ନ ଜାଗାରେ ନଜର ରଖିବା ସହ ଚୋରି ର୍ୟାକେଟ୍‌କୁ ଧରିବାକୁ ଚେଷ୍ଟା ଜାରି ରଖିଥିବା ପ୍ରଦୀପ ପୁହାଣ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଗୁଣି ଗାରେଡ଼ି ସନ୍ଦେହରେ ବାସନ୍ଦ

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପରିବାରର ଅନଶନ

**ଛତ୍ରପୁର,୧୦।୫(ଡି.ଏନ.ଏ.)**

ଗୁଣି ଗାରେଡି ସନ୍ଦେହରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ନୂଆ ଗୋଛାବାଡି ଗାଁର ଏକ ପରିବାରକୁ ଗ୍ରାମବାସୀ ବାସନ୍ଦ କରିଥିବା ଅଭିଯୋଗ ହୋଇଛି । ୪ ମାସ ପୂର୍ବେ ଗୁଣି ଗାରେଡିର ମିଥ୍ୟା ଆରୋପ ଲଗାଇ ଘରେ ତାଲା ପକାଇ ଗାଁରୁ ତଡି ଦିଆଯାଇଥିବା ଉକ୍ତ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସ୍ଥାନୀୟ ପୋଲିସ ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳିଲାନି। ତେଣୁ ବାସନ୍ଦ ପରିବାର କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ପରିବାରଙ୍କୁ ସୁରକ୍ଷା ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତଥାପି କୌଣସି ପଦକ୍ଷେପ ଗ୍ରହଣ କରାଗଲାନି। ତେଣୁ ଅନ୍ୟ ଉପାୟ ନ ପାଇ ନୂଆ ଗୋଛାବାଡିର ଖଦାଳ ଗୌଡ ଏବଂ ତାଙ୍କ ପରିବାରର ସଦସ୍ୟମାନେ ଶୁକ୍ରବାର ଛତ୍ରପୁର ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ । ପ୍ରଶାସନ ପକ୍ଷରୁ ଡକରା ପାଇ ସେମାନେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସମସ୍ୟା ଜଣାଇଥିଲେ । ଉକ୍ତ ପରିବାର କିଭଳି ଗାଁକୁ ଫେରିବେ ତା ଉପରେ ପଦକ୍ଷେପ ନେବାକୁ ଜଗନ୍ନାଥପ୍ରସାଦ ଥାନା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରଶାସନର ଏକ ଟିମ୍ ଉକ୍ତ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବ ଏବଂ ସେ ପର୍ଯ୍ୟନ୍ତ ଖଦାଳଙ୍କ ପରିବାରଙ୍କୁ ଅସ୍ଥାୟୀ ଭାବେ ସୁରକ୍ଷିତରେ ଥଇଥାନ କରିବା ପାଇଁ ଜଗନ୍ନାଥପ୍ରସାଦ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



ଅନଶନରେ ବସିଥିବା ପରିବାର ।

## ବରଗଡ଼ର ୮୦ ଶ୍ରମିକ ଉଦ୍ଧାର ଘଟଣା

# ଇଟାଭାଟି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍

**ଛତ୍ରପୁର/ଗଞ୍ଜାମ, ୧୦।୫ (ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ସୁବଳୟା ନିକଟରେ ଥିବା ବେଆଇନ୍ ଇଟା ଭାଟିରେ ଥିବା ଇଟାଗୁଡିକୁ ଗଞ୍ଜାମ ତହସିଲ ପକ୍ଷରୁ ଜବତ କରାଯାଇଛି। ଏଥିସହ ଇଟାଭାଟି ମାଲିକଙ୍କ ଉପରେ ୪୦ ହଜାର ୯୨୩ ଟଙ୍କା ଜରିମାନା ପକାଯାଇଛି। ତହସିଲ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଉକ୍ତ ଇଟା ଭାଟିରେ କାମ କରୁଥିବା ବରଗଡ ଜିଲାର ୮୦ ଶ୍ରମିକଙ୍କୁ ଜିଲା ପ୍ରଶାସନ ଉଦ୍ଧାର କରିଥିଲା। ପରେ ସେମାନଙ୍କୁ ଖାଦ୍ୟ, ପାନୀୟ ଦେଇ ୬ ତାରିଖରେ ବସ୍ ଯୋଗେ ଘରକୁ ପଠାଯାଇଥିଲା । ଉକ୍ତ ଭାଟିର ଇଟା ଜବତ ସହ ମାଲିକଙ୍କ ଉପରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କୁ ୭ ତାରିଖରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ତହସିଲଦାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ବ୍ଲକର ସୁବଳୟାର ଏକ ଇଟା ଭାଟିରେ କାମ କରିବାକୁ ଗତ ୫ ମାସ ପୂର୍ବେ ବରଗଡ ଜିଲାରୁ ୮୦ ରୁ ଊର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ପରିବାର ସହ ଆସିଥିଲେ । ୧ ହଜାର ଇଟା ପ୍ରସ୍ତୁତି ପିଛା ୫୨୦ ଟଙ୍କା ମଜୁରୀ ଦେବେ ବୋଲି କହି ଜଣେ ବ୍ୟକ୍ତି ଏମାନଙ୍କୁ ଆଣିଥିଲେ ମଧ କାମ ପରେ ଇଟାଭାଟି ମାଲିକ ହଜାରେ ଇଟା ପାଇଁ ୩୫୦ ଟଙ୍କା ଦେବେ ବୋଲି କହିଥିଲେ । ଏପରିକି ଫନୀ ବାତ୍ୟା ବେଳେ ସୁରକ୍ଷିତ ରହିବା ପାଇଁ କୌଣସି ସୁବିଧା କରି ନଥିବାରୁ ଶ୍ରମିକମାନେ ଭୟରେ ରବିବାର ଲୁଚି ପଳାଇ ଆସିଜିଲାପାଳଙ୍କୁ ତାଙ୍କ ବଙ୍ଗଳାରେ ଭେଟି ଏ ସମ୍ପର୍କରେ ଜଣାଇଥିଲେ ।

# ଫନୀ ବିପନ୍ନଙ୍କ ପାଇଁ ସହାୟତା ସଂଗ୍ରହ



ଫନୀ ବିପନ୍ନଙ୍କ ପାଇଁ ସହାୟତା ସଂଗ୍ରହ କରାଯାଉଛି।

**ଆର.ଉଦୟଗିରି,୧୦।୫(ଡି.ଏନ.ଏ.)–** ବାତ୍ୟା ଫନୀରେ ବିପନ୍ନମାନଙ୍କ ସହାୟତା ପାଇଁ ଗଜପତି ଜିଲା ଆର.ଉଦୟଗିରି ପୋଲିସ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ସେହିପରି ସାମଗ୍ରୀ ମହଜୁଦ ରଖିବାକୁ ଅନ୍ୟ ଏକ ଗାଡି ବ୍ୟବସ୍ଥା କରାଯାଇଥିଲା। ଫନୀରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ, ଭୁବନେଶ୍ୱର, କଟକ, କେନ୍ଦ୍ରାପଡା ଅଞ୍ଚଳକୁ ଆଦାୟ ହୋଇଥିବା ରିଲିଫ୍‌କୁ ପଠାଯାଉଛି। ଆର.ଉଦୟଗିରି ଏସଡିପିଓ ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗାଁରେ ଖାଦ୍ୟ ସାମଗ୍ରୀ ଓ ଟଙ୍କା ମଗା ଯାଇଥିଲା। ବସଷ୍ଟାଣ୍ଡରୁ ଆରମ୍ଭ କରି ସମସ୍ତ ଦୋକାନ ବୁଲି ବୁଲି ବିଭିନ୍ନ ଲୋକଙ୍କଠାରୁ ଚାଉଳ, ଡାଲି, ଚୁଡା, ଗୁଡ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଟଙ୍କା ସଂଗ୍ରହ କରି ଏକ ବୋଲେରୋ ପିକ୍‌ଅପରେ ଜିଲା ସଦର ମହକୁମାସ୍ଥିତ କାର୍ଯ୍ୟାଳୟକୁ ପଠାଯାଇଛି । ଏଥିରେ ଥାନା ଅଧିକାରୀ କୁଳମଣି ସେଠୀ, ଏସ୍‌ଆଇ ପ୍ରଫୁଲ୍ଲ କୁମାର ପ୍ରଧାନ ଏବଂ ଥାନାର ଅନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

## କବାଟ ଭାଙ୍ଗି ଚୋରି: ପୋଲିସ ପାଉନି ଟେର୍

**ଚମ୍ପୁଆ, ୧୦।୫ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ପର୍ଶଳା ଗ୍ରାମରେ ଗତ ୮ ତାରିଖ ରାତିରେ ଚୋରମାନେ ଘରେ ପଶି କବାଟ ଭାଙ୍ଗି ନଗଦ ୭ ହଜାର ଟଙ୍କା ଓ ୨୦ ଭରି ସୁନା ସମେତ ବିଭିନ୍ନ ଜିନିଷ ଚୋରାଇ ନେଇଛନ୍ତି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହାୟତାରେ ପୋଲିସ ତଦନ୍ତ କରୁଥିଲେ ମଧ କୌଣସି ସଫଳତା ମିଳି ନାହିଁ।

## ଯୁବ ଗୋଷ୍ଠୀଙ୍କ ପକ୍ଷରୁ ପଣା ବଣ୍ଟନ

**ସୋରଡ଼ା, ୧୦।୫ (ଡି.ଏନ୍.ଏ.)**

ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ରଥପଦା ନିକଟରେ ଯୁବ ଗୋଷ୍ଠୀ ଯାତାୟାତ ପଥିକମାନଙ୍କୁ ଚଲା, ପଣା ବଣ୍ଟନ କରୁଛନ୍ତି। ୨ ଦିନ ହେଲା ସୁନୀଲ ପାଟଯୋଶୀ, ପଞ୍ଚାନନ ପାତ୍ର, ଅମୂଲ୍ୟ ସୁଆର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପଣା ବଣ୍ଟନ କାର୍ଯ୍ୟ ଚାଲୁ ରହିଛି। ଭଞ୍ଜନଗର ବସ୍‌କୁ ଅପେକ୍ଷା କରୁଥିବା ବହୁ ଯାତ୍ରୀଙ୍କ ତୃଷା ମେଣ୍ଟାଇବାକୁ ଏହି ବ୍ୟବସ୍ଥା କରାଯାଇଥିବା ପାତ୍ର କହିଛନ୍ତି।

## ସତ୍ୟସାଇ ବାବାଙ୍କ ନୂତନ ସଭାଗୃହ ଉଦ୍‌ଘାଟିତ

# ଅମୃତ ବିନ୍ଦୁ କାର୍ଯ୍ୟକ୍ରମ


ମଞ୍ଚାସୀନ ଅତିଥିବୃନ୍ଦ।

**ବେଗୁନିଆପଡା,୧୦।୫(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଚିଙ୍ଗୁଡିଖୋଲଠାରେ ସତ୍ୟସାଇ ସେବା ଗ୍ରୁପ ଆନୁକୂଲ୍ୟରେ ଗୁରୁବାର ବାବାଙ୍କ ନୂତନ ସଭାଗୃହକୁ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା ଉଦ୍‌ଘାଟନ କରିଛନ୍ତି। ଏଥିରେ ଅତିଥି ଭାବେ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏଥିସହ ବିଦ୍ୟାଳୟ ପରିସରରେ ଅମୃତ ବିନ୍ଦୁ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏକ ରକ୍ତଦାନ ଶିବିରରେ ୬୮ ଜଣ ରକ୍ତଦାନ କରିଥିଲେ। ଏହି ପରିସର ମଧ୍ୟରେ ମାନବାଧିକାର ସୁରକ୍ଷା ସଙ୍ଗଠନର ଏକ ବୈଠକ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କିନ୍ନର ସଂଘର ସଭାପତି ସ୍ୱିଟି, ପ୍ରଭାତ କୁମାର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଜନତା ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ କେ. ଭୀମରାଜୁ ପାତ୍ର, ଡାକ୍ତର ଅଜିତ କୁମାର ପଟ୍ଟନାୟକ, ଫାଣ୍ଡି ଅଧିକାରୀ ଦୀପ୍ତି ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଗଞ୍ଜାମ ଜିଲା ଶେରଗଡ ବ୍ଲକ ଅଧକ୍ଷା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ୨ଲକ୍ଷ ୨୦ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି।

# କ୍ଷତିଗ୍ରସ୍ତଙ୍କୁ ଏମ୍‌ପି ପ୍ରତିନିଧିଙ୍କ ସହାୟତା

**ଗଞ୍ଜାମ,୧୦।୫(ଡି.ଏନ.ଏ.)**

ଫନୀ ପ୍ରଭାବରେ ପୁରୀ ଜିଲା କୃଷ୍ଣ ପ୍ରସାଦ ବ୍ଲକ ବ୍ରହ୍ମପୁର ପଞ୍ଚାୟତ ଖିରୀ ସାହି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ ଶୁକ୍ରବାର ଉକ୍ତ ଗାଁକୁ ଯାଇ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ବସ୍ତ୍ର (ଶାଢ଼ି) ବଣ୍ଟନ କରିଥିଲେ। ଏଥିସହ ସୋମବାର ଲୋକଙ୍କୁ ରନ୍ଧା ଖାଦ୍ୟ ଓ କିଛି ଲୁଗା ପ୍ରଦାନ କରିବେ ବୋଲି ଏମ୍‌ପି ପ୍ରତିନିଧି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମରେ ୧୨୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ବାତ୍ୟା ପରଠାରୁ ତହସିଲ ପ୍ରଶାସନ ପକ୍ଷରୁ ୪ ବସ୍ତା ଚାଉଳ, ଚୁଡ଼ା ୪ ପ୍ୟାକେଟ, ଗୁଡ଼ ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଏହି ଫନୀରେ ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ ନଷ୍ଟ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରିବାକୁ କେହି ଆସି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିସହ ଗତ ବୁଧବାର ଏମ୍‌ପି ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୫ ହଜାର ଟଙ୍କା ଗଞ୍ଜାମ ତହସିଲଦାରଙ୍କୁ ପ୍ରଦାନ କରିଥିଲେ।


ବାତ୍ୟା କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ।

# ଚଣ୍ଡିଗାଁକୁ ବୀମା ଗ୍ରାମ ଘୋଷଣା

**ଭଦ୍ରକ ଅଫିସ, ୧୦।୫**

ଭାରତୀୟ ଜୀବନ ବୀମା ପକ୍ଷରୁ ଭଦ୍ରକ ବ୍ଲକର ଚଣ୍ଡିଗାଁକୁ ବୀମା ଗ୍ରାମ ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସେଠାରେ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇଥିଲା । ଚଣ୍ଡିଗାଁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ନନ୍ଦକିଶୋର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଏଲ୍‌ଆଇସି ମୁଖ୍ୟ ପ୍ରବନ୍ଧକ ପଞ୍ଚାନନ ବେହେରା ମୁଖ୍ୟଅତିଥି ଏବଂ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ପଣ୍ଡା, ଉପଶାଖା ପରିଚାଳକ କୃଷ୍ଣମୋହନ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଗୋବର୍ଦ୍ଧନ ପଣ୍ଡା, ଅଭିକର୍ତ୍ତା ଆଲୋକ ରଞ୍ଜନ ସେନାପତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏଲ୍‌ଆଇସି ଓ ବୀମା ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଗ୍ରାମକୁ ବୀମା ଗ୍ରାମ ଘୋଷଣା କରାଯାଇ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବନମାଳୀ ବେହେରା, ସନାତନ ବେହେରା, ନରେଶ ବଳ, ପରେଶ ବଳ, ଦୁର୍ଯ୍ୟୋଧନ ମହାକୁଡ, ନିମାଇଁ ଚରଣ ବେହେରା ଓ କୈଳାସ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମଣ୍ଡି ଖୋଲି ରବି ଧାନ କିଣୁନି ପ୍ରଶାସନ

# ଆନ୍ଧ୍ର ବ୍ୟବସାୟୀଙ୍କୁ କମ୍ ଦରରେ ଧାନ ବିକୁଛନ୍ତି ଚାଷୀ

**ପାରଳାଖେମୁଣ୍ଡି, ୧୦।୫ (ସ୍ୱ.ପ୍ର.)**

ଗଜପତି ଜିଲାର ଚାଷୀମାନେ ଜିଲା ପ୍ରଶାସନର ମନମୁଖୀ କାର୍ଯ୍ୟ ଯୋଗୁ ଏବେ ଆନ୍ଧ୍ର ମୁହାଁ ହେଉଛନ୍ତି। ଚଳିତବର୍ଷ ରବି ଋତୁରେ ୪ହଜାର ହେକ୍ଟର ଜମିରୁ ଚାଷୀ ଧାନ ଅମଳ କରିଛନ୍ତି। ସେମାନେ ଧାନମଣ୍ଡି ନ ଥିବାରୁ ଆନ୍ଧ୍ର ପ୍ରଦେଶର ବ୍ୟବସାୟୀଙ୍କୁ ଶସ୍ତାରେଧାନ ବିକ୍ରି କରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚଳିତ ୨୦୧୮–୧୯ ବର୍ଷର ଖରିଫ ଋତୁରେ ଖୋଲାଯାଇଥିବା ଧାନ ମଣ୍ଡିଗୁଡିକୁ ସାଧାରଣ ନିର୍ବାଚନ ଆଳ ଦେଖାଇ ବନ୍ଦ କରାଯାଇଛି । ଏନେଇ ଚାଷୀମାନେ ଜିଲାପାଳଙ୍କଠାରୁ ଆରମ୍ଭ କରି ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନି। ଫଳରେ ସେମାନେ ଆନ୍ଧ୍ର ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଛନ୍ତି। ଓଡିଶା ସରକାର ଧାନ କୁଇଣ୍ଟାଲ ପିଛା ୧୭ ଶହ ୫୦ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଚାଷୀମାନେ ଆନ୍ଧ୍ରରେ ମାତ୍ର ୯ଶହ ଟଙ୍କାରେ ବିକ୍ରି କରୁଛନ୍ତି । ଏ ସମ୍ପର୍କରେ ଜିଲା କୃଷକ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ରବି ଋତୁରେ ବିନା କୌଣସି ସହାୟତାରେ ଚାଷୀମାନେ ନିଜସ୍ୱ ଉଦ୍ୟମରେ ଚାଷ କରି ଧାନ ଅମଳ କରିଛନ୍ତି। ସେମାନେ ଆର୍ଥିକ ଅନଟନରେ ଥିବା ବେଳେ ସେମାନଙ୍କ ଧାନ ମଣ୍ଡିରେ କିଣା ନ ଯିବା ଦୁଃଖର ବିଷୟ। ସେମାନେ ବାଧ୍ୟ ହୋଇ ବାହାର ବ୍ୟବସାୟୀଙ୍କୁ କମ୍ ଦରରେ ଧାନ ବିକ୍ରି କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜିଲାରେ ରବି ଧାନ କିଣିବା ଲାଗି ମଣ୍ଡି ଖୋଲିବାକୁ ସେ ଦାବି କରିଛନ୍ତି।

## ଫନୀ ଗଲା, ଦିଗପହଣ୍ଡିରେ ମିଳିନି ତିତ୍‌ଲି ସହାୟତା

# ବ୍ୟାଙ୍କ ଜମାଖାତା ତାଲିକାରେ ତ୍ରୁଟି

**ଦିଗପହଣ୍ଡି,୧୦।୫(ଡି.ଏନ.ଏ.)**

**■ ୧୭୫୯ ହିତାଧିକାରୀଙ୍କ ଫେରିଗଲା ସହାୟତା ରାଶି**

**■ ୬୭,୯୨,୨୬୫ ଟଙ୍କା ବ୍ଲକକୁ ଫେରାଇଲା ବ୍ୟାଙ୍କ**

ବାତ୍ୟା ଫନୀ ଚାଲିଗଲା। କିନ୍ତୁ ଦିଗପହଣ୍ଡି ବ୍ଲକର ତିତ୍‌ଲିରେ ଚିହ୍ନଟ ହୋଇଥିବା ୧୭୫୯ ଜଣ କ୍ଷତିଗ୍ରସ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତା ମିଳିନାହିଁ। ଏ ନେଇ ସିପିଆଇଏମ୍ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ଅଳକନାଥ ମିଶ୍ର ଏବଂ ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ପଣ୍ଡା ଏକ ମିଳିତ ବିବୃତିରେ ଅଭିଯୋଗ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କ ଅଫ୍ ବରୋଦା ଦିଗପହଣ୍ଡି ଶାଖାକୁ ପ୍ରଦାନ କରାଯାଇଥିବା ୧୭୫୯ ହିତାଧିକାରୀଙ୍କ ଜମାଖାତା ନଂ. ଭୁଲ୍ ଥିବାରୁ ୬୭ ଲକ୍ଷ ୯୨ ହଜାର ୨୬୫ ଟଙ୍କା ବ୍ୟାଙ୍କ କର୍ତ୍ତୃପକ୍ଷ ଫେରାଇ ଦେଇଥିବା ସେମାନେ କହିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଫେରାଇଥିବା ତାଲିକାରେ କେବଳ ହିତାଧିକାରୀମାନଙ୍କ ନାଁ ଥିବା ବେଳେ ସେମାନଙ୍କ ଠିକଣା ନ ଥିବାରୁ ଉକ୍ତ ତାଲିକାରେ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତା ନମ୍ବର ସଂଶୋଧନ କରାଯିବା ବ୍ଲକ କର୍ମଚାରୀଙ୍କ ପକ୍ଷେ କଷ୍ଟକର ବୋଲି ଜଣାପଡ଼ିଛି।

ବ୍ଲକ ଅଧୀନ ୨୫ ପଞ୍ଚାୟତ ମଧ୍ୟରୁ କୁଶପଡ଼ା, କୋଟିନଡ଼ା, ଖମାରିଗାଁ, କରପଡ଼ା, କଇଠଖଣ୍ଡି, ସିଏଚ୍ ଟିକରପଡ଼ା, ଗୌଡ଼ଗାଁ ଆଦି ୧୩ ପଞ୍ଚାୟତରେ ବାତ୍ୟା କ୍ଷତିଗ୍ରସ୍ତଙ୍କ ସଂଶୋଧିତ ତାଲିକା ବ୍ଲକ ପ୍ରଶାସନ ଗତ ୧୫ ତାରିଖରେ ବ୍ୟାଙ୍କ ଅଫ୍ ବରୋଦା ଶାଖା ପରିଚାଳକଙ୍କୁ ପଠାଇଥିଲେ।

ମନ୍ତ୍ରୀ ତଥା ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ତୁରନ୍ତ ତିତ୍‌ଲି ସହାୟତା ବଣ୍ଟନ ପାଇଁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ତାଗିଦ୍ କରିବାରୁ ଅତି ତରବରିଆ ଭାବେ ତାଲିକା ପ୍ରସ୍ତୁତ କରାଯାଇଥିଲା। ତେଣୁ ଏଥିରେ ମନୁଷ୍ୟକୃତ ତ୍ରୁଟି ଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି କିଛି ବ୍ୟକ୍ତିଙ୍କ ଜମାଖାତାକୁ ଦୁଇଥର ସହାୟତା ଅର୍ଥରାଶି ଚାଲି ଯାଇଛି। ସେମାନେ ଉକ୍ତ ଅର୍ଥରାଶି ଫେରସ୍ତ କରୁ ନାହାନ୍ତି। ଏ ନେଇ ବିଡିଓ ହଳଧର ଶବରଙ୍କୁ ପଚାରିବାରୁ ଶୀଘ୍ର ତାଲିକା ସଂଶୋଧନ କରାଯାଇ ସହାୟତା ପାଇ ନ ଥିବା ହିତାଧିକାରୀଙ୍କ ଜମାଖାତାରେ ସହାୟତା ଅର୍ଥରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି। ଏ ନେଇ ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତର ଆବଶ୍ୟକତା ରହିଥିବା ସିପିଆଇଏମ୍ ଜିଲା ସମ୍ପାଦକ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ମେ ୧୧/୨୦୧୯ Berhampur, Saturday, May 11/2019

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ମୃତ, ଜଣେ ଗୁରୁତର

**ବାଲିଆପାଳ, ୧୦।୫(ଡି.ଏନ.ଏ.):** ବିଗତ ଦୁଇ ଦିନ ଭିତରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାଲିଆପାଳ ବ୍ଲକର ପୃଥକ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।
ସୂଚନା ଅନୁସାରେ ବାଲିଆପାଳ ଥାନା ପ୍ରତାପପୁର ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟାରେ ଧାନ ବିଲରୁ ଜଣେ ଚାଷୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଚାଷୀ ହେଲେ ବେତଗଡିଆ ପଞ୍ଚାୟତ କାଳିଆଖିଆ ଗ୍ରାମର ରବୀନ୍ଦ୍ର ଗିରି(୪୨)। ସେ ଗୁରୁବାର ସକାଳେ ନିଜ ଚାଷ ଜମିକୁ ଆସି ଆଉ ଘରକୁ ଫେରି ନ ଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଏକ ଧାନ ବିଲ ଭିତରେ ପଡିଥିବା ଦେଖିବାକୁ ମିଳିଥିଲା। ଏକ ଘରୋଇ ସେଲୋରୁ ଯାଇଥିବା ୧୧ କେ.ଭି. ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥାରେ ତଳେ ଓହଳିଥିବା ବେଳେ ସେ ଅସାବଧାନତା ବଶତଃ ସଂସ୍ପର୍ଶରେ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ପହଞ୍ଚି ସେଲୋ ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟ ଏକ ଘଟଣାରେ ଜାମତକୁଲା ଗ୍ରାମର ମାହେଶ୍ୱରୀ କୁହ୍ଲାରୀ (୫୦) ଗୁରୁବାର ସକାଳେ ପାଣି ପଇଁ ନିଜ ଘରେ ଲାଗିଥିବା ମୋଟର ସୁଇଚ ବନ୍ଦ କରିବାକୁ ଯାଇ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଆପାଳ ପୋଲିସ ଉଭୟ ଘଟଣାରେ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଜାରି ରଖିଛି। ସେହିପରି ଅନ୍ୟ ଏକ ଘଟଣାରେ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ଓହଳିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବଡାଶ ଗ୍ରାମର ଭାସ୍କର ରାଉତ ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ସଦର ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।

### କେନ୍ଦୁଝରରେ ଫନୀ କ୍ଷୟକ୍ଷତି ୧୨ କୋଟିରୁ ଅଧିକ



**କେନ୍ଦୁଝର,୧୦।୫ ( ସ୍ୱ.ପ୍ର.):** ଫନୀ ବାତ୍ୟା ପ୍ରଭାବ ଯୋଗୁ କେନ୍ଦୁଝର ଜିଲାରେ ଘଟିଥିବା କ୍ଷୟକ୍ଷତିର ପରିମାଣ ୧୨କୋଟିରୁ ଅଧିକ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରାଥମିକ ଭାବେ ଆକଳନ କରାଯାଇଛି। ଏଥିରେ ବ୍ୟକ୍ତିଗତ ସମ୍ପତ୍ତି ଭାବେ ୨୩ ଲକ୍ଷ ୬୫ହଜାର ଟଙ୍କାର କ୍ଷତି ଘଟିଥିବା ବେଳେ ସାଧାରଣ ସମ୍ପତ୍ତି ୧୧ କୋଟି ୮୪ ଲକ୍ଷ ଟଙ୍କାରି ନଷ୍ଟ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆନନ୍ଦପୁର, ଘଷିପୁରା, ହାତଡ଼ିହି, ଘଟଗାଁ, ହରିଚନ୍ଦନପୁର, ପାଟଣା, କେନ୍ଦୁଝର, ବାଂଶପାଳ, ତେଲକୋଇ ବ୍ଲକର ସମୁଦାୟ ୧୬୩ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ଏହାଦ୍ୱାରା ସମୁଦାୟ ୭୨୦୦ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ୫୬୫ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ୨୯ ଟି କୁଡିଆ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୮ ଆଶ୍ରମ ସ୍କୁଲ ଓ ହଷ୍ଟେଲ, ରାସ୍ତା, ୩୪ ସରକାରୀ ଘର, ୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନର ୮୯ ଶ୍ରେଣୀଗୃହ ଓ ଗାଧୁଆ ଘର ନଷ୍ଟ ହୋଇଛି। ବାତ୍ୟା ପୂର୍ବରୁ ସତର୍କତା ବ୍ୟବସ୍ଥା ସ୍ୱରୂପ ଜିଲାର ସମୁଦାୟ ୭୧୬୦ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୧୨୦ ଅସ୍ଥାୟୀ ଶିବିରରେ ରକ୍ଷା ଯାଇଥିଲା । ଚୂଡାନ୍ତ ରିପୋର୍ଟ ଆସିଲେ କ୍ଷତିର ପରିମାଣ ବଢ଼ିପାରେ ବୋଲି ପ୍ରଶାସନ ପକ୍ଷରୁ ମଧ୍ୟ କୁହାଯାଇଛି।

# ପ୍ରସୂତି ୱାର୍ଡରେ ଲାଞ୍ଚମଗା ନେଇ ତୁମୁଳକାଣ୍ଡ

- ଲୋକଙ୍କ ମାଡରେ ନର୍ସ ଗୁରୁତର
- ୨ ଘଣ୍ଟା କାର୍ଯ୍ୟ ବନ୍ଦ
- ଉଭୟ ପକ୍ଷରୁ ଥାନାରେ ଏତଲା

**ବାଲେଶ୍ୱର ଅଫିସ,୧୦।୫**

ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କୁ ଟଙ୍କା ଲାଞ୍ଚ ମଗାଯିବା ଘଟଣା ନେଇ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକଙ୍କ ମାଡରେ ଜଣେ ନର୍ସ ଅଚେତ ହୋଇପଡିବାରୁ ତାଙ୍କୁ ଚିକିତ୍ସା କରାଯାଉଛି। ଏହାର ପ୍ରତିବାଦରେ ନର୍ସ ସଂଘ ୨ ଘଣ୍ଟା କାର୍ଯ୍ୟ ବନ୍ଦ କରିବାରୁ ଚିକିତ୍ସା ସେବା ବ୍ୟାହତ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ଏବଂ ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରସୂତି ବିଭାଗରେ ରୋଗୀଙ୍କୁ ଲାଞ୍ଚ ମଗାଯିବା ଘଟଣାର ତଦନ୍ତ ପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ ପାଢୀ ସୂଚନା ଦେଇଛନ୍ତି।



ହସ୍ପିଟାଲ୍ ପରିସରରେ ଉତ୍ୟକ୍ତ ଲୋକଙ୍କ ଗଣ୍ଡଗୋଳ।

ଅନ୍ୟପକ୍ଷେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା ଲାଗି ନର୍ସ ସଂଘ ଦୃଢ ଦାବି ଜଣାଇଛି। ପ୍ରସୂତି ୱାର୍ଡରେ ଘଟିଥିବା ଗଣ୍ଡଗୋଳ ଘଟଣା ନେଇ ଉଭୟପକ୍ଷ ଥାନାରେ ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ ଓ ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ସୋର ଥାନା ସିଙ୍ଗାଖୁଣ୍ଟା ଗ୍ରାମର ପ୍ରମିଳା ମହାନ୍ତି ଗର୍ଭକଷ୍ଟ ପାଇବାରୁ ତାଙ୍କୁ ପ୍ରଥମେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଗୁରୁବାର ରାତି ପ୍ରାୟ ୧୦ଟା ୫୦ମିନିଟ୍ ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଭୋର ୩ଟା ୪୫ମିନିଟ୍‌ରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପ୍ରସୂତି ବିଭାଗ ଓଟିରେ କାର୍ଯ୍ୟରତ ଥିବା ଜଣେ ନର୍ସ ତାଙ୍କୁ ଡାକ୍ତର ୧୦୦୦ ଟଙ୍କା ନେବେ ବୋଲି କୁଆଡେ କହି ଲାଞ୍ଚ ମାଗିଥିଲେ। ପ୍ରମିଳାଙ୍କ ପରିବାର ଲୋକ ସେତେବେଳେ ଏହି ଅର୍ଥ ଦେଇ ପାରି ନ ଥିଲେ। ପରେ ସେମାନେ ୩୦୦ ଟଙ୍କା ଆଣି ଦେବାରୁ ନର୍ସ ଜଣଙ୍କ ସେମାନଙ୍କୁ ଖରାପ ବ୍ୟବହାର କରିଥିଲେ। ଏନେଇ ପାଟିତୁଣ୍ଡ ହେବା ବେଳେ ପ୍ରମିଳାଙ୍କ ପିଉସୀ ସୁଶୀଳା ମହାନ୍ତିଙ୍କୁ ଜଣେ ନର୍ସ ଦୁଇ ଚାପୁଡା ମାରିଥିବା ସେମାନେ ଏତଲାରେ ଦର୍ଶାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଉପସ୍ଥିତ ଅନ୍ୟ ରୋଗୀଙ୍କ ପରିବାର ଏଭଳି ଘଟଣା ଦେଖି ପ୍ରତିବାଦ କରିବାରୁ ପ୍ରସୂତି ୱାର୍ଡରେ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଡାକ୍ତରଖାନା ପ୍ରସୂତି ୱାର୍ଡରେ ଭର୍ତ୍ତି ହୋଇଥିବା ସମସ୍ତ ରୋଗୀଙ୍କ ପରିବାର ଲୋକେ ଏକାଠି ହୋଇ ସମ୍ପୃକ୍ତ ନର୍ସଙ୍କୁ ଖୋଜିଥିଲେ। ପୂର୍ବାହ୍ନ ୮ଟା ବେଳେ ସେ ଡ୍ୟୁଟି ସାରି ଘରକୁ ଯିବା ସମୟରେ ଲୋକେ ତାଙ୍କୁ ଦେଖି ପାଟି କରିବାରୁ ଗଣ୍ଡଗୋଳ ବଡ ଆକାର ଧାରଣ କରିଥିଲା। ଅନ୍ୟ ପ୍ରସୂତିଙ୍କ ପରିବାରର ୮ରୁ ୧୦ମହିଳା ସମ୍ପୃକ୍ତ ନର୍ସଙ୍କୁ ଧରି ମାଡ ମାରିଥିଲେ। ହସ୍ପିଟାଲ ଫାଣ୍ଡି ପୋଲିସ ପହଞ୍ଚି ଲୋକଙ୍କ କବଳରୁ ନର୍ସଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାର ପ୍ରତିବାଦରେ ନର୍ସ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପାଢୀ ଓ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁଧୀର ଘୋଷ ଘଟଣାର ଅନୁଧ୍ୟାନ କରୁଥିବା ଜଣାପଡିଛି।

## ଲାଞ୍ଚ ମାମଲାରେ କିରାଣିଙ୍କୁ ୨ ବର୍ଷ ଜେଲ

**ବାଲେଶ୍ୱର ଅଫିସ,୧୦।୫**

ଏକ ଲାଞ୍ଚ ମାମଲାରୁ ବିଚାର କରି ଶୁକ୍ରବାର ବାଲେଶ୍ୱର ସତନ୍ତ୍ର ଭିଜିଲାନ୍ସ ଜଜ୍ ଶାରଦା ପ୍ରସାଦ ନାୟକ ଅଭିଯୁକ୍ତ କିରାଣିଙ୍କୁ ୨ବର୍ଷ ଜେଲଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୨ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଭଦ୍ରକ ଜିଲା ଧାମନଗର ତହସିଲ ଅଫିସର କିରାଣି ବଟକୃଷ୍ଣ ବାରିକ ଏକ ଭାଲ୍ୟୁଏସନ୍ ସାର୍ଟିଫିକେଟ ପାଇଁ ଭଣ୍ଡାରିପୋଖରୀ ଥାନା ଆଳିଆ ଗ୍ରାମର ଉମାକାନ୍ତ ସେନାପତିଙ୍କୁ ୧୭୦୦ ଟଙ୍କା ମାଗିଥିଲେ। ଉମାକାନ୍ତ ୧୦୦୦ ଟଙ୍କା ଦେବା ପରେ ମଧ୍ୟ ୭୦୦ ଟଙ୍କା ପାଇଁ କିରାଣି ତାଙ୍କୁ ବାରମ୍ବାର ହଇରାଣ ହରକତ କରିଥିଲେ। ସେ ଭିଜିଲାନ୍ସର ଆଶ୍ରୟ ନେବା ପରେ କିରାଣି ବଟକୃଷ୍ଣ ବାରିକ ୭୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ କେସ୍ ନଂ.୨୩ ରୁଜୁ କରାଯାଇ ବିଚାର କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଏହି ରାୟ ଶୁଣାଇଛନ୍ତି।

### ଗ୍ୟାସ୍‌ଟାଙ୍କି ଫାଟି ଅଗ୍ନିକାଣ୍ଡ

## ୨ ବଖରା ଜଳିଗଲା, ଜଣେ ଆହତ

**ଧାମନଗର, ୧୦।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ବାହାରବିଲ ସୁନ୍ଦରାସାହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଗୁପ୍‌ଚୁପ ଦୋକାନୀ ଦେବେନ୍ଦ୍ର ନାୟକଙ୍କର ୨ ବଖରା ବାସଗୃହ ଜଳିଯାଇଛି। ଏଥିସହ ତାଙ୍କ ଝିଅ ସୁପ୍ରିୟା ନାୟକଙ୍କ ଗୋଡ଼ରେ ନିଆଁ ପଡ଼ିବାରୁ ଆହତ ହୋଇଛନ୍ତି। ସେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ସୂଚନା ଅନୁସାରେ, ଦେବେନ୍ଦ୍ରଙ୍କ ଘରେ ଅପରାହ୍ନରେ ରୋଷେଇ ବେଳେ ଗ୍ୟାସ୍ ଟାଙ୍କି ଫାଟି ନିଆଁ ବ୍ୟାପି ଯାଇଥିଲା। ଏକାଧିକ ସିଲିଣ୍ଡର ଫାଟିବାରୁ ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ସାହସ କରିପାରି ନ ଥିଲେ। ଧାମନଗରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦେବେନ୍ଦ୍ରଙ୍କ ଘରର ସମସ୍ତ ଆସବାବପତ୍ର ସହ ଝିଅ ବାହାଘର ପାଇଁ ପ୍ରସ୍ତୁତ ସମସ୍ତ ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ଦେବେନ୍ଦ୍ର ଦୀର୍ଘଦିନ ଧରି ଜଣେ ଛୋଟ ବ୍ୟବସାୟୀ ଭାବେ ଧୂଷୁରୀ ବଜାରରେ ଠେଲାଗାଡ଼ିରେ ଗୁପ୍‌ଚୁପ୍ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି।

### ପ୍ରଶାସନକୁ ଉଚିତ ଜବାବ

## ରାସ୍ତା ତିଆରି କଲେ ଗ୍ରାମବାସୀ

**ଝୁମ୍ପୁରା, ୧୦।୫ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଗ୍ରାମାଞ୍ଚଳରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହେଉଥିବା ରାସ୍ତା କେଉଁଠି ବର୍ଷବର୍ଷ ଧରି ଅଧାପନ୍ତରିଆ ହୋଇ ପଡି ରହୁଛି ତ ଆଉ କେଉଁଠି ସର୍ଭେହୋଇଥିଲେ ବି କାମ ହେଉ ନାହିଁ। ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି କୌଣସି ସୁଫଳ ନ ପାଇବାରୁ ଶେଷରେ ନହବେଡା ଏବଂ ଖେଣ୍ଡରା ଅଞ୍ଚଳର ଲୋକେ ନିଜେ ୫ କି.ମି. ଦୁର୍ଗମ ରାସ୍ତା ମରାମତି କାମ ଆରମ୍ଭ କରିଛନ୍ତି।

ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ନହବେଡା ଏବଂ ଖେଣ୍ଡରା ପଞ୍ଚାୟତରେ ୫କି.ମି ରାସ୍ତା କାମ ଲାଗି ପୂର୍ବରୁ ସର୍ଭେ ହୋଇଥିଲା। କିନ୍ତୁ ଏଯାଏ ନିର୍ମାଣ କାମ ହୋଇ ନ ଥିଲା। ଗ୍ରାମବାସୀ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ସୁଫଳ ନ ପାଇବାରୁ ଶେଷରେ ପ୍ରଶାସନକୁ ମୁହଁତୋଡ ଜବାବ ଦେଇ ନିଜସ୍ୱ ଉଦ୍ୟମରେ ରାସ୍ତା ନିର୍ମାଣ କରିବାକୁ ଲାଗି ପଡିଛନ୍ତି। ଝୁମ୍ପୁରା ବ୍ଲକର ଏହି ଦୁଇ ପଞ୍ଚାୟତ ଅଧୀନରେ ଥିବା ରାସ୍ତାରେ ନହବେଡା ଶିବ ମନ୍ଦିର ଛକ ପାର୍ଶ୍ୱରୁ କଙ୍କଡାଯୋଡି ଘାଟି ପର୍ଯ୍ୟନ୍ତ ୫କି.ମି. ମାଟି ରାସ୍ତା ଏବେ ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇ ଦୁର୍ଗମ ହୋଇ ପଡିଛି। ପବନ ହେଲେ ପ୍ରବଳ ଧୂଳି ଉଡୁଛି। ଏହି ଗ୍ରାମ୍ୟ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ପରେ ଲୋକେ ଆଶାନ୍ୱିତ ହୋଇ ରହିଥିଲେ। ଉକ୍ତ ବିଭାଗ ରାସ୍ତାକୁ ୨ଥର ସର୍ଭେ କରି ଚୁପଚାପ ବସି ଯାଇଛି। ଭୌଗୋଳିକ ଦୃଷ୍ଟି କୋଣରୁ ଏହି ରାସ୍ତାର ଗୋଟିଏ ପାର୍ଶ୍ୱରେ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବାରୁ ବାମେବାରୀ, ଜୁରୁଡି ଅଞ୍ଚଳକୁ ଲୋକେ ଯାତାୟତ କରିଥାନ୍ତି। ମାଟି ରାସ୍ତାର ଅନ୍ୟ ପାର୍ଶ୍ୱ ଝୁମ୍ପୁରା ଅଞ୍ଚଳର ୨ଟି ରାସ୍ତାକୁ ସଂଯୋଗ କରୁଛି। ଏଣୁ ଉକ୍ତ ରାସ୍ତା ଦେଇ ଫକିରପୁର, ପଦ୍ମକେଶରପୁର, ବାଘିଆନଶା, ମାନାସାହି, ଭୂଳଦାସାହି ସମେତ ସ୍ଥାନୀୟ ଅନେକ ଆଦିବାସୀ ବସ୍ତୀ ବାସିନ୍ଦାମାନେ ମଧ୍ୟ ଯାତାୟତ କରିଥାନ୍ତି। ରାସ୍ତାର କିଛି ଅଂଶରେ ଗୋଟିଏ ପାର୍ଶ୍ୱରେ ପାହାଡ ଥିବାବେଳେ, ଅନ୍ୟ ପାର୍ଶ୍ୱରେ ଅନତି ଦୂରରେ ଜଙ୍ଗଲ ରହିଛି। ପ୍ରଶାସନ ରାସ୍ତା ନିର୍ମାଣ କାମ ନ କରିବାରୁ ଗ୍ରାମବାସୀ ମିଳିତ ଭାବେ ନିଷ୍ପତ୍ତି ନେଇ ମରାମତି କାମ ଆରମ୍ଭ କରିଥିବା ଜଗବନ୍ଧୁ ମହାନ୍ତ, ପରମେଶ୍ୱର ମାହନ୍ତ, ବିନୋଦ ମାଝି, ତ୍ରିଲୋଚନ ମହାନ୍ତ, ମୁକୁନ୍ଦ ମାହନ୍ତ, ତରଣୀ ଲୋହାର, ଜଗଦୀଶ ନାଏକ, ବିଶ୍ୱରଞ୍ଜନ ଲୋହାର, ପୁରନ୍ଦର ମାଝୀ, କ୍ଷୀରୋଦ ଲୋହାର ପ୍ରମୁଖ କହିଛନ୍ତି। ଏହି ବିପଦସଙ୍କୁଳ ରାସ୍ତା ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ଭେଟି ଅବଗତ କରାଇବେ ବୋଲି କହିଛନ୍ତି।ଏ ସମ୍ପର୍କରେ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡିଙ୍କୁ ପଚାରିବାରୁ ଉକ୍ତ ରାସ୍ତା ନିର୍ମାଣ ପ୍ରସ୍ତାବ ପରେ କେବଳ ସର୍ଭେ ସରିଛି। ଅନ୍ୟପକ୍ଷେ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବିଧିବଦ୍ଧ ଭାବେ ହସ୍ତାନ୍ତର ହୋଇ ନାହିଁ। ରାସ୍ତା ନିର୍ମାଣ ଲାଗି ଶୀଘ୍ର ଅଟକଳ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।



ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି।

## ଫନୀ ଉଜାଡ଼ିଦେଲା କଦଳୀ କ୍ଷେତ

**ପଦ୍ମପୁର, ୧୦।୫ (ଡି.ଏନ.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ଗ୍ରାମର ଶଶିଭୂଷଣ ଦାଶଙ୍କର କଦଳୀ କ୍ଷେତ ଉଜୁଡ଼ି ଯାଇଛି। ହଜାର ହଜାର ଗଛ ଧରାଶାୟୀ ହୋଇଛି। ଗଛରେ କଦଳୀ କାନ୍ଦୀ ବାହାରିଥିବା ବେଳେ ବାତ୍ୟାରେ ଗଛ ସବୁ ଉପୁଡିଯିବା ସହ କାନ୍ଦୀ ଭାଙ୍ଗିଯାଇଛି। ୨୦୧୮ ମେ ମାସରେ ଶଶିଭୂଷଣ ଭୁବନେଶ୍ୱରର ଏକ ଫାର୍ମରୁ କଦଳୀ ଗଛ କିଣି ଘର ସାମ୍ନାରେ ଥିବା ୨୦ଗୁଣ୍ଠ ଜମିରେ ଲଗାଇଥିଲେ। ଭରସା ଥିଲା ଗୋଟିଏ କଦଳୀ କାନ୍ଦୀରୁ ବଜାର ମୂଲ୍ୟ ୩୫୦ରୁ ୪୦୦ ଟଙ୍କାରେ ବିକ୍ରି ହେବ। ହେଲେ ଠିକ୍ ଗଛରେ କାନ୍ଦୀ ପାକଳ ହୋଇଆସୁଥିବା ବେଳେ ବାତ୍ୟା ଦାଉ ସାଧିଲା। ପ୍ରବଳ ପବନ, ବର୍ଷାରେ ଗଛଗୁଡ଼ିକ ଭାଙ୍ଗିଯାଇଥିବା ବେଳେ ମୂଳ ପଚିଗଲାଣି। ଏହି କ୍ଷତି କାରଣରୁ ଶଶିଭୂଷଣ ମୁଣ୍ଡରେ ହାତଦେଇ ବସିଛନ୍ତି। ପ୍ରଥମକରି ଅଞ୍ଚଳରେ ଯୁବପିଢ଼ିଙ୍କୁ ଚାଷକରି ସ୍ୱାବଲମ୍ବୀ ହେବାର ବାଟ ଦେଖାଉଥିବା ଚାଷୀମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଦୁଃଖଦାୟକ ବୋଲି ସେ କହିଛନ୍ତି।

**ହଜାର ହଜାର ଗଛ ଧରାଶାୟୀ**



ପଦ୍ମପୁର ଗ୍ରାମର ଶଶିଭୂଷଣ ଦାଶଙ୍କ କଦଳୀ ବଗିଚା ବାତ୍ୟାରେ ନଷ୍ଟ ହୋଇଯାଇଛି।

## ଚିକିତ୍ସା ସହାୟତା ଦାବିରେ ରାସ୍ତାରୋକୋ

**ଯୋଡ଼ା,୧୦।୫(ଡି.ଏନ.ଏ.)**

ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ଦାବି କରି କେନ୍ଦୁଝର ଜିଲା ଯୋଡ଼ା ସହରର ୨ ନମ୍ବର ୱାର୍ଡ଼ ଅଧୀନ ମୁଖାର୍ଜୀ ହଟିଂବାସୀ ଶୁକ୍ରବାର ସକାଳେ ରାସ୍ତାରୋକୋ କରିଥିଲେ। ଏଥିଲାଗି ରାସ୍ତାରେ ଚଳାଚଳ ବ୍ୟାହତ ହୋଇଥିଲା। ଦୀର୍ଘ ୨ଘଣ୍ଟା ଧରି ରାସ୍ତା ଅବରୋଧ ହେବା ପରେ ଯୋଡ଼ା ଆଇଆଇସି ମନୋଜ କୁମାର ରାଉତ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ମାଇନିଂ ଏରିଆ ଟ୍ରକ ଓନର ଆସୋସିଏଶନ(ମାଟୱା), ଯୋଡ଼ା ଟ୍ରକ ଓନର ଆସୋସିଏଶନ(ଜାଟୱା) ଏବଂ ବିଭିନ୍ନ ଖଣି ଠିକାଦାରଙ୍କୁ କହି ସମ୍ପୃକ୍ତ ମହିଳାଙ୍କୁ ଆର୍ଥିକ ସହାୟତା ଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

ଗତ ରବିବାର ଅପରାହ୍ନ ସାଢେ ୩ଟା ବେଳେ ସ୍ଥାନୀୟ କିଡ୍‌ଜି ସ୍କୁଲ ସମ୍ମୁଖ ରାସ୍ତାରେ ଏକ ଅଜଣା ବୋଲେରୋ ହଟିଂର ବିଧବା ମହିଳା କୁନିଲତା ମଲ୍ଲିକଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଥିଲା। ଏହି ବିଧବା ମହିଳାଙ୍କ ପରିବାର ଗରିବ ହୋଇଥିବାରୁ ସ୍ଥାନୀୟ ଲୋକେ କିଛି ଟଙ୍କା ଯୋଗାଡ଼ କରି ଆହତ କୁନିଲତାଙ୍କୁ କଟକ ପଠାଇଥିଲେ। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ସ୍ଥାନୀୟ ଲୋକେ ଏ ନେଇ ରାସ୍ତାକୁ ଓହ୍ଲାଇଥିଲେ। ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଉ ବୋଲି ଦାବି କରି ସେମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।



ଟାୟାର ଜାଳି ଲୋକେ ରାସ୍ତା ଅବରୋଧ କରିଛନ୍ତି।

### ଆଖିବୁଜିଲେ ଚିକିତ୍ସାଧୀନ ମହିଳା

ସର୍ବଶେଷ ଖବର ଅନୁଯାୟୀ ହଟିଂର ମହିଳା କୁନିଲତା ଦୁର୍ଘଟଣାରେ ଆହତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ପ୍ରାଣ ହରାଇଛନ୍ତି। ଏହି ଖବର ମିଳିବା ପରେ ହଟିଂ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମହିଳାଙ୍କ ମୃତ୍ୟୁରେ ତାଙ୍କ ପୁଅ, ଝିଅଙ୍କ ସମେତ ପରିବାର ବେସାହାରା ହୋଇପଡିଥିବା ଗ୍ରାମବାସୀ କହିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ